### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ପୁଲିସ ବିରୋଧରେ ସଙ୍ଗିନ ଅଭିଯୋଗ

# ଥାନା ଆଗରେ ଶବ ରଖି ପରିବାର ଲୋକଙ୍କ ଧାରଣା

ନିମାପଡ଼ା,୧୦।୩(ସମିସ)



ନିମାପଡ଼ା ଥାନା ଅନ୍ତର୍ଗତ ଡିହବାରୀ ନଡ଼ିଆ ବାଗସାହିର ଜନୈକ ଯୁବକଙ୍କ ମୃତ୍ୟୁକୁ ନେଇ ପରିବାର ଓ ଗ୍ରାମର ଶତାଧିକ ଲୋକ ଥାନା ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ। ପ୍ରେମ ସମ୍ପର୍କକୁ ନେଇ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିବା ଏବଂ ତାଙ୍କ ମୃତ୍ୟୁକୁ ନେଇ ପୁଲିସ ଓ ପ୍ରେମିକାର ପରିବାର ଲୋକଙ୍କୁ ଦାୟୀ କରି ପରିବାର ଲୋକେ ସଙ୍ଗିନ ଅଭିଯୋଗ ଆଣିଛନ୍ତି।

ସୂଚନା ମୁତାବକ, ଉକ୍ତ ଗ୍ରାମର ମାନସୀ କାଣ୍ଡିଙ୍କ ଅଭିଯୋଗ ଅନୁସାରେ, ତାଙ୍କ ପୁତ୍ର ସୁବ୍ରତ ଭୋଇ ସେହି ଗ୍ରାମର ଜଣେ ଝିଅକୁ ପ୍ରେମ କରୁଥିଲେ। ଏନେଇ ଝିଅର ସମ୍ପର୍କୀୟ ରଙ୍ଗା ବେହେରା, ବ୍ରଜ ବେହେରା, ବ୍ରହ୍ମା ବେହେରା, କାଳିଆ ବେହେରା, ମିଲୁ ଭୋଇ ପ୍ରମୁଖ ତାଙ୍କ ପରିବାରକୁ ମାରିଦେବାକୁ ଧମକ ଦେଉଥିଲେ। ଗତ ସୋମବାର ଉଭୟେ ପୁଅ-ଝିଅ କୁଆଡ଼େ ପଳାଇଥିବା ନେଇ ସୁବ୍ରତଙ୍କ ଖୁଡ଼ି ଅଭିଯୋଗରେ ଦର୍ଶାଇଛନ୍ତି। ଝିଅ ପକ୍ଷର ଅଭିଯୋଗ ପରେ ନିମାପଡ଼ା ପୁଲିସ ଉଭୟ ପୁଅ-ଝିଅକୁ ଥାନାକୁ ଆଣିଥିଲେ। ତେବେ ପୁଲିସକୁ ଯେତେ କାକୁତିମିନତି କଲେ ମଧ୍ୟ ପୁଅକୁ ଛାଡ଼ିଲେ ନାହିଁ। ତୁମେ ଘରକୁ ଯାଅ ସେ ପରେ ଯିବ ବୋଲି କହି ପୁଲିସ ଫେରାଇ ଦେଇଥିଲା। ମଙ୍ଗଳବାର ସକାଳୁ ଗାଁ ମୁଣ୍ଡ ମଶାଣି ଦଣ୍ଡାରେ ଥିବା ଏକ ଗଛରେ ସୁବ୍ରତଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଶୁଣିବାକୁ ପାଇଥିଲେ। ପରିବାର ଲୋକେ ତୁରନ୍ତ ପୁଅକୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବକୁ ଆଣି ପରିବାର ଓ ଗ୍ରାମର କିଛି ଲୋକ ଥାନା ସମ୍ମୁଖରେ ରଖି ଆମ ପୁଅକୁ ଝିଅ ଘର ଲୋକେ ଓ ପୁଲିସ ମିଶି ମାରିଦେଇଛନ୍ତି ବୋଲି ପୁତ୍ରର ଖୁଡ଼ି ମାନସୀ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରାୟ ୫ ଘଣ୍ଟା ଧରି ଥାନା ସମ୍ମୁଖରେ ଧାରଣାରେ ବସିବା ପରେ ପୁରୀ ଅତିରିକ୍ତ ଏସପି ସୁଶ୍ରିଲ ମିଶ୍ର, ଅତିରିକ୍ତ ଏସପି ସଚିନ ପଟେଲ, ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ନିମାପଡ଼ା ତହସିଲଦାର ଡ. ମନୋଜ କୁମାର ପ୍ରଧାନ, ଆଇଆଇସି ସମରେନ୍ଦ୍ର ପାଇକରାୟ ଧାରଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହେବା ପରେ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ନିମାପଡ଼ା ଏସ୍‌ଡିପିଓ ଶ୍ରୀ ପାଢ଼ୀ କହିଛନ୍ତି ମୃତକଙ୍କ ପରିବାର ଲୋକ ପୁଲିସ ବିରୋଧରେ ଆଣିଥିବା ଅଭିଯୋଗ ଭିତ୍ତିହୀନ, ତାହାର କୌଣସି ସତ୍ୟାସତ୍ୟ ନାହିଁ।

## ୧୧୨ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ନିମାପଡ଼ା,୧୦।୩(ସମିସ): ଗତ କିଛିଦିନ ହେବ ବିଭିନ୍ନ ସ୍ଥାନରେ ଚୋରା ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଉଥିବାବେଳେ ଜିଲ୍ଲା ଅବକାରୀ ବିଭାଗ ତତ୍ପର ହୋଇପଡ଼ିଛି। ନିଶାଦ୍ରବ୍ୟ ସେବନ କରି ଯୁବପିଢ଼ିମାନେ ବିପଥଗାମୀ ହେଉଥିବାବେଳେ ବିଭିନ୍ନ ଅଞ୍ଚଳରେ ଚୋରି, ରାହାଜାନୀ ବୃଦ୍ଧି ପାଉଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା ଅବକାରୀ ବିଭାଗ ନିର୍ଦ୍ଦେଶକ ଜଗଦୀଶ ସାମଲଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ଅବକାରୀ ବିଭାଗ ଅଧିକାରୀ ପ୍ରଭାକର ସେଠୀ କାକଟପୁର କଲେଜ ଛକ ନିକଟରୁ ମଙ୍ଗଳବାର ଜଣେ ବ୍ରାଉନ୍‌ସୁଗର ବେପାରୀକୁ ଗିରଫ କରିବା ସହିତ ତା' ନିକଟରୁ ୧୧୨ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ କରିଥିବା ଜଣାପଡ଼ିଛି। ଜବତ ବ୍ରାଉନ୍‌ସୁଗର ଯାହାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। କାକଟପୁର ଥାନା ଅଞ୍ଚଳର ବିକାଶ ପାଢ଼ୀ ନାମକ ଜଣେ ଯୁବକ କାକଟପୁର କଲେଜ ଛକ ନିକଟରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ସମୟରେ ସୂଚନା ପାଇ ନିମାପଡ଼ା ଅବକାରୀ ବିଭାଗର ଅଧିକାରୀ ଶ୍ରୀ ସେଠୀ ତାଙ୍କ ଟିମ୍ ସହ ସେଠାରେ ଚଢ଼ଉ କରି ବିକାଶକୁ ଗିରଫ କରିବା ସହିତ ତା' ନିକଟରୁ ୧୧୨ ଗ୍ରାମ୍ ବ୍ରାଉନ୍‌ସୁଗର, ନଗଦ ୧୬୦୦ ଟଙ୍କା, ଗୋଟିଏ ଫୋନ୍ ଓ ଗୋଟିଏ ବାଇକ୍ ଜବତ କରିଥିବା ଜଣାପଡ଼ିଛି। ତା' ବିରୋଧରେ ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରିଛି।

## ପିଏମ୍‌ଶ୍ରୀ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଚକ୍ର ପ୍ରଦର୍ଶନୀ

କୋଣାର୍କ,୧୦।୩(ସମିସ): ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ କୋଣାର୍କସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ଚଳିତ ଶିକ୍ଷାବର୍ଷରେ ପ୍ରସ୍ତୁତ କରିଥିବା ଗଣିତ ଓ ବିଜ୍ଞାନ ସମ୍ପର୍କିତ ୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପ ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକୁ ବିଜ୍ଞାନ ଶିକ୍ଷକ ତେଜସ୍ୱୀ ମହାନ୍ତି, ଆନିମେଟର ବାପି ରଞ୍ଜନ ବେହେରା ଓ ସୂର୍ଯ୍ୟ ନାରାୟଣ ମହାରଣା (ଏମ୍‌ଟେକ୍ ପ୍ରତ୍ୟାଶୀ) ବୁଲି ଦେଖିବା ସହ ପ୍ରକଳ୍ପଧାରୀଙ୍କୁ ପ୍ରଶ୍ନ ପଚାରି ମୂଲ୍ୟାୟନ କରିଥିଲେ। ଶିକ୍ଷକ ଗୌରୀଶଙ୍କର ଜେନା, ଅମୀୟ ପ୍ରିୟଦର୍ଶିନୀ ଧରୁଆ ଓ ଦୀପିକା ଜେନା ବିଜ୍ଞାନ ଚକ୍ରର ପ୍ରସ୍ତୁତି ଏବଂ ଶିକ୍ଷକ ସତ୍ୟସୁନ୍ଦର ମିଶ୍ର, ବର୍ଷା ବିଜୟିନୀ ରାଉତ ଓ ଶିଲ୍ପା ଭଞ୍ଜ ଗଣିତ ଚକ୍ର ପାଇଁ ମାର୍ଗଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ନିହାର ପ୍ରସାଦ ଲେଙ୍କା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଦ୍ୟାର୍ଥୀମାନଙ୍କୁ ବୈଜ୍ଞାନିକ ଓ ଗାଣିତିକ ଦକ୍ଷତା ବଢ଼ାଇବାରେ ବ୍ରତୀ ହେବା ପାଇଁ ଉତ୍ସାହିତ କରିଥିଲେ। ମୂଲ୍ୟାୟନ ପରେ ଦୁଇ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୬ଜଣ ପ୍ରକଳ୍ପଧାରୀଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।



## ଚୈତ୍ର ମଙ୍ଗଳବାର ପୂଜା ଆରମ୍ଭ

କଣାସ,୧୦।୩(ସମିସ): ଚୈତ୍ର ମାସର ପ୍ରଥମ ମଙ୍ଗଳବାର କଣାସ ବ୍ଲକ୍‌ର ପ୍ରତ୍ୟେକ ଗ୍ରାମର ମହିଳାମାନେ ଏକାଠି ହୋଇ ସ୍ୱାମୀ, ସନ୍ତାନ ଓ ପରିବାରର ମଙ୍ଗଳ କାମନା କରି ବାସଗୃହର ମୁଖ୍ୟ ଦ୍ୱାର ନିକଟରେ ମା' ମଙ୍ଗଳାଙ୍କ ମୂର୍ତ୍ତି ସ୍ଥାପନ କରି ମଙ୍ଗଳଙ୍କୁ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ରଙ୍ଗ ବେରଙ୍ଗର ଫୁଲ ସଜାଇଥିବା ଦେଖିବାକୁ ମିଳିଥିଲା। ନଡ଼ିଆ, କଦଳୀ, ଅଙ୍ଗୁର, ସେଓ, ଚାଉଳିଆ ବିଭିନ୍ନ ଫଳ ମୂଳ ସହିତ ପଣା ଭୋଗ କରିଥିଲେ। ମଙ୍ଗଳାଙ୍କ ସମ୍ମୁଖରେ ପୂଜା କରୁଥିବା ମହିଳାମାନେ ଏକତ୍ରିତ ହୋଇ ମଙ୍ଗଳାଙ୍କ ପୁସ୍ତକ ପଢ଼ି ପୂଜା କରିଥିବା ଦେଖିବାକୁ ମିଳିଥିଲା।

## ବିଭିନ୍ନ ଗ୍ରାମରେ ମହିଳା ଶ୍ରଦ୍ଧାଳୁଙ୍କ ପଣ୍ଛେଇ ପୂଜା

ନିମାପଡ଼ା,୧୦।୩(ସମିସ): ମଙ୍ଗଳବାର କାକଟପୁରସ୍ଥିତ ମା' ମଙ୍ଗଳାଙ୍କ ପ୍ରଥମ ପାଳି ପ୍ରସିଦ୍ଧ ଝାମୁ ଯାତ୍ରା। ଏ ନେଇ ବିଭିନ୍ନ ଗ୍ରାମରେ ଶ୍ରଦ୍ଧାଳୁ ମାଆମାନଙ୍କ ଦ୍ୱାରା ପଣ୍ଛେଇ ପୂଜା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ବାର ମାସରେ ପାଳିତ ହୋଇଥାଏ ତେର ପର୍ବପର୍ବାଣୀ। ହିନ୍ଦୁ ପଞ୍ଜିକାର ପ୍ରଥମ ମାସ ଚୈତ୍ର ମାସ ଅଟେ। ଯାହାକି ଫାଲ୍‌ଗୁନ ମାସ ପୂର୍ଣ୍ଣମୀ ପରଦିନଠାରୁ ଆରମ୍ଭ ହୋଇଛି। ଏହି ମାସରେ ଶୀତଳା ସପ୍ତମୀ, ଅଷ୍ଟମୀ, ରାମ ନବମୀ, ଚୈତ୍ର ନବରାତ୍ରୀ ଇତ୍ୟାଦି ପାଳିତ ହୋଇଥାଏ। ଏଥିସହିତ ପାଳିତ ହୁଏ ଚୈତ୍ର ମଙ୍ଗଳବାର ଓଷା। ଚୈତ୍ର ମାସର ୫ ପାଳି ମଙ୍ଗଳବାର ଓଷାକୁ ବ୍ରତଧାରୀମାନେ ନିଷ୍ଠାର ସହ ପାଳନ କରିଥାନ୍ତି। ବିଶେଷ କରି ପୁରୀ ଜିଲ୍ଲାର କାକଟପୁର ମଙ୍ଗଳା ଏବଂ ବ୍ରହ୍ମପୁରର ତାରାତାରିଣୀ ପୀଠରେ ଏହି ଓଷା ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ। ମଙ୍ଗଳବାର ପ୍ରଥମ ପାଳିରେ କାକଟପୁରର ମା' ମଙ୍ଗଳାଙ୍କ ମନ୍ଦିରରେ ନେତ୍ରୋତ୍ସବ ବିଧାନ ପାଳିତ ହେଉଥିବାବେଳେ ମା'ଙ୍କ ଦୀକ୍ଷିତ ପୂଜକମାନେ ଫୁଲରେ ସୁସଜ୍ଜିତ ଥାଳିରେ ଧ୍ୱଜାର ବେଢ଼ା ପରିକ୍ରମା କରାଇବା ପରେ ମନ୍ଦିର ଚୂଡ଼ାରେ ଉକ୍ତ ଧ୍ୱଜାକୁ ବାନ୍ଧିଥାନ୍ତି। ଶ୍ରଦ୍ଧାଳୁମାନେ ନିଜ ସ୍ୱାମୀ ଓ ସନ୍ତାନମାନଙ୍କ ମଙ୍ଗଳ କାମନା କରି ଭକ୍ତି ଓ ନିଷ୍ଠାର ସହିତ ଚୈତ୍ର ମଙ୍ଗଳବାର ଓଷା ପାଳନ କରିଥାନ୍ତି। ରାଜ୍ୟର ଉପକୂଳ ଅଞ୍ଚଳରେ ସଧବା ନାରୀମାନେ ଗାଁ ଦାଣ୍ଡରେ ପଣ୍ଛେଇ ଖୋଳି ତା' ମଧ୍ୟରେ ହଳଦୀ ପାଣି ଢାଳି ମା' ମଙ୍ଗଳାଙ୍କ ନାମରେ ଗୁଆ ବସାଇ ପୂଜା କରିଥାନ୍ତି। ଏହି ପଣ୍ଛେଇ ପୂଜା ପଞ୍ଚମ ମଙ୍ଗଳବାର ପର୍ଯ୍ୟନ୍ତ ପ୍ରତି ମଙ୍ଗଳବାର ଅନୁଷ୍ଠିତ ହୋଇଥାଏ।



## ୧୫ରୁ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ୍

ଗୋପ,୧୦।୩(ସମିସ): ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଚଳିତ ବର୍ଷ ପ୍ରଥମ କରି ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଗୋପ ଆଥ୍‌ଲେଟିକ୍ ଆସୋସିଏସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିସହିତ ୨୧ରେ ରାଜ୍ୟର ୨ ମହିଳା କ୍ରିକେଟ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଖେଳ ପ୍ରଦର୍ଶନ କରିବେ ବୋଲି ସଭାପତି କାମାକ୍ଷା ପ୍ରସାଦ ଦଳବେହେରା କହିଛନ୍ତି। ୧୫ରେ ଉଦ୍‌ଘାଟନୀ ମ୍ୟାଚ୍ ଝାଡ଼ଖଣ୍ଡର ଚକ୍ରଧରପୁର ରେଲ୍‌ୱେ ଟିମ୍ ସହିତ କଟକର ରାଇଜିଙ୍ଗ୍ ଷ୍ଟୁଡେଣ୍ଟ ମଧ୍ୟରେ ଖେଳ ଅନୁଷ୍ଠିତ ହେବାକୁ ଥିବାବେଳେ ୧୬ରେ ଭୁବନେଶ୍ୱର କ୍ରିକେଟ କ୍ଲବ୍ ଓ ଆଦିତ୍ୟ ଇଲେଭେନ, ୧୭ରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୧୮ରେ ଭଦ୍ରକର ୟୁନିକ୍ ଇଲେଭେନ କ୍ରିକେଟ୍ କ୍ଲବ୍ ସହିତ କୋଲକାତାର ଏଲ୍‌ଆର୍‌ଏସ୍ ତୃତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ୧୯ରେ ରାଞ୍ଚିର ୟୁନିକ୍ କ୍ରିକେଟ୍ କ୍ଲବ ସହିତ ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ୍ ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ସେହିପରି ୨୦ରେ ଦ୍ୱିତୀୟ ସେମିଫାଇନାଲ ଏବଂ ୨୨ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ତ୍ରୈଲୋଚନ ସାହୁ ଓ ଶୁଭେନ୍ଦ୍ର ପୃଷ୍ଟି ସୂଚନା ଦେଇଛନ୍ତି। ଫାଇନାଲରେ ଚାମ୍ପିଅନ ଦଳକୁ ୭୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କା ସହିତ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ କପ୍ ଦିଆଯିବ ବୋଲି ସୂଚନା ମିଳିଛି।

## ନରସିଂହପୁର ହାଟରେ ଦୋଳ ଉତ୍ସବ ଉଦ୍‌ଯାପିତ



ନୟାହାଟ,୧୦।୩(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ନରସିଂହପୁର ହାଟ ଗ୍ରାମରେ ଗୋପାଳମାନଙ୍କର ଦୋଳ ଉତ୍ସବ ଦୀର୍ଘ ୮ ଦିନ ଧରି ଚାଲିଥିବାବେଳେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗୋପାଳ ଯୁବକମାନେ ଲଉଡ଼ି ଖେଳ, ବାଡ଼ି ଖେଳ ଓ ଗାଇ ଉତ୍ସବର ମଜା ଉଠାଇଥାନ୍ତି। ଉଦ୍‌ଯାପନୀ ଉତ୍ସବରେ ଧୂମାଳ ସରପଞ୍ଚଙ୍କ ପ୍ରତିନିଧି ଅଭିମନ୍ୟୁ ସିଂହ, ଯାଦବ ସଂଘର ସଭାପତି ପ୍ରସନ୍ନ ବେହେରା, ରମେଶ ବେହେରା, ବାବୁଲି ବେହେରା, ସନ୍ତୋଷ ବେହେରା, ବିପିନ ବେହେରା, ଭଗବାନ ବେହେରା ପ୍ରମୁଖ ଯୋଗଦେଇ ଗୋପାଳମାନଙ୍କୁ ଉତ୍ସାହିତ କରିଥିଲେ।

## ବାଣ ଫୁଟି ନାବାଳକର ପୋଡ଼ିଗଲା ମୁହଁ

ନିମାପଡ଼ା,୧୦।୩(ସମିସ): ବାଣ ଫୁଟି ମଙ୍ଗଳବାର ଜଣେ ୮ବର୍ଷର ନାବାଳକ ପୋଡ଼ି ହୋଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ନିଆଳି ଥାନା ଅନ୍ତର୍ଗତ ନିଭରଣ କୋଠ ମୂଳ ଗ୍ରାମର ଗୁନୁ ବେହେରା (୮) ଏକ ଅଫୁଟା ବାଣକୁ ଧରୁଥିବାବେଳେ ବାଣଟି ଫୁଟିଯିବା ପରେ ଗୁନୁର ହାତ ଓ ମୁହଁ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ପରିବାର ଲୋକମାନେ ତାକୁ ପ୍ରଥମେ ଚାରିଛକ ଓ ପରେ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ନେଇଥିଲେ। ସେ ବର୍ତ୍ତମାନ ଏମ୍‌ସ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

## କାମ କରୁଥିବା ସମୟରେ ଶ୍ରମିକ ମୃତ

ଡେଲାଙ୍ଗ,୧୦।୩(ସମିସ): ସୁଜନପୁର ପଞ୍ଚାୟତର ଗୋଡ଼ିସାହି ଗ୍ରାମରେ କାମ କରୁଥିବା ସମୟରେ ଜଣେ ୪୧ ବର୍ଷୀୟ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଅରିସାଲ ପଞ୍ଚାୟତ ବାରବାଟି ଗ୍ରାମର ବୁଦ୍ଧିଆ ପଧାନ। ବୁଦ୍ଧିଆ ଗୋଡ଼ିସାହିରେ ନିଅଁ ଖୋଳୁଥିବାବେଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ସେ ଟଳିପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଡେଲାଙ୍ଗ ଥାନାରେ ଅଭିଯୋଗ ହେବା ପରେ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ଜଣାପଡ଼ିଛି। ମୃତକ ବୁଦ୍ଧିଆଙ୍କର ୨ଟି ପୁତ୍ର ଓ ଗୋଟିଏ କନ୍ୟା ସନ୍ତାନ ଅଛନ୍ତି।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ



ନୟାହାଟ,୧୦।୩(ସମିସ): ନୟାହାଟ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଶତାୟୁ ସଭ୍ୟ ତଥା ସ୍ୱାଧୀନତା ସଂଗ୍ରାମୀ ବୈକୁଣ୍ଠ ନାଥ ଦାସ (୧୦୨)ଙ୍କ ବିୟୋଗରେ ତାଙ୍କ ବାସଘର ଜଳେଶ୍ୱରପଡ଼ା ଗ୍ରାମରେ ନାଗରିକ ମଞ୍ଚ ପକ୍ଷରୁ ଶୋକ ଦିବସ ମଙ୍ଗଳବାର ପାଳନ କରାଯାଇଥିଲା। ବୈକୁଣ୍ଠ ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନରେ ଇଂରେଜ ସରକାରଙ୍କ ଶାସନ ବିରୋଧରେ ସାମିଲ୍ ହୋଇଥିଲେ। ସେ ଜଣେ ଦେଶପ୍ରେମୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କୁ ବରିଷ୍ଠ ନାଗରିକ ପକ୍ଷରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ତାଙ୍କ ବିୟୋଗରେ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର, ବିଚିତ୍ରାନନ୍ଦ ପାତ୍ର, ମଧୁସୂଦନ ରାୟ, କୈଳାସ ଚନ୍ଦ୍ର ଦାସ, କୃଷ୍ଣ ଚନ୍ଦ୍ର ବାରିକ ପ୍ରମୁଖ ଶୋକ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

## ମାଛ ଧରୁଥିବାବେଳେ ପୋଖରୀରୁ ବୃଷଭ ମୂର୍ତ୍ତି ଉଦ୍ଧାର



ଚାରିଛକ,୧୦।୩(ସମିସ): ଚାରିଛକ ନିକଟସ୍ଥ ରତନପୁର ପଞ୍ଚାୟତ ବନମାଳୀପୁର ସାମିଲ୍ କଂକଡ଼ା ଗାଡ଼ିଆ ଗ୍ରାମର ବସନ୍ତ କୁମାର ମେକପଙ୍କ ପୋଖରୀରୁ ଗ୍ରାମର ଲୋକମାନେ ମାଛ ଧରୁଥିବାବେଳେ ଏକ କଳାମୁଗୁନି ପଥରର ବୃଷଭ ମୂର୍ତ୍ତି ଉଦ୍ଧାର ହୋଇଛି। ମୂର୍ତ୍ତିଟିକୁ ଆଣି ଗ୍ରାମର ଲୋକମାନେ ଠାକୁର ଘର ନିକଟରେ ରଖି ପୂଜାର୍ଚ୍ଚନା କରିଥିଲେ। ଖବରରୁ ଜଣାଯାଇଛି ଯେ, କୌଣସି ଦୁର୍ବୃତ୍ତ ମୂର୍ତ୍ତିଟିକୁ ଚୋରି କରି ଆଣି ପୋଖରୀରେ ପକାଇ ଦେଇଥିବା ଗ୍ରାମର କିଛି ଲୋକଙ୍କଠାରୁ ଶୁଣିବାକୁ ମିଳିଛି। ଏହି ମୂର୍ତ୍ତିଟିକୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିବା ଜଣାପଡ଼ିଛି।

## ଐତିହାସିକ ବକୁ ପଞ୍ଚଦୋଳ ମେଳଣ ଉଦ୍‌ଯାପିତ

କଣାସ,୧୦।୩(ସମିସ): କଣାସ ବ୍ଲକ୍ ବକୁ ଗ୍ରାମ ପଞ୍ଚାୟତର ବାକୁଠାରେ ସପ୍ତଦଶ ଶତାବ୍ଦୀରୁ ଚାଲିଆସୁଥିବା ଐତିହାସିକ ପଞ୍ଚୁଦୋଳ ମେଳଣ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ମେଳଣରେ ପନ୍ଦର ମୌଜା ଓ ସାତ ଶାସନର ଅନେକ ଗ୍ରାମରୁ ଶୋଭାଯାତ୍ରାରେ ସୁସଜ୍ଜିତ ବିମାନରେ ଠାକୁରମାନେ ମେଳଣ ପଡ଼ିଆକୁ ଆସିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ଯାତ୍ରା ଅବସରରେ ରାମନାଟକ, କାଳୀୟଦଳନ ଦେଖିବାକୁ ଜନ ସମାରୋହ ହୋଇଥିଲା। ଚଳିତ ବର୍ଷ ମଧ୍ୟ ମେଳଣ ଅବସରରେ ଦୋକାନ ବଜାର ଖୁବ୍ ଜମିବା ସାଙ୍ଗକୁ ମେଳଣ ପଡ଼ିଆ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ବର୍ଷ ବର୍ଷ ଧରି ଭାଇଚାରା ଓ ସାମାଜିକ ପରିବେଶକୁ ବଜାୟ ରଖି ଆସିଥିବା ଉକ୍ତ ମେଳଣ କାର୍ଯ୍ୟକ୍ରମ ପରିଚାଳନା କରିବା ଅବସରରେ ନିଶା ନିବାରଣ ଓ ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇଥିଲେ ଆଞ୍ଚଳିକ ମେଳଣ କମିଟି। ଅଞ୍ଚଳର ସମ୍ମାନିତ ବରିଷ୍ଠ ନାଗରିକ ନବକିଶୋର ଜଗଦେବ, ସୁରେନ୍ଦ୍ର ଶ୍ରୀଚନ୍ଦନ, ପ୍ରଫୁଲ୍ଲ ଜଗଦେବ, ଡମ୍ବରୁଧର ଚମ୍ପତି, ପ୍ରଦୀପ ପ୍ରଧାନ, ସମ୍ରାଟ ଚମ୍ପତି, ଗୋଲଖ ପ୍ରଧାନ, ବାବୁଲି ସ୍ୱାଇଁ, ସର୍ବେଶ୍ୱର ସ୍ୱାଇଁ ଓ ବିକ୍ରମ ସ୍ୱାଇଁ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।



## ସପ୍ତମ ବାର୍ଷିକ ପୁସ୍ତକମେଳା ଉଦ୍‌ଘାଟିତ




କୃଷ୍ଣପ୍ରସାଦ,୧୦।୩(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ ପଞ୍ଚୁଦୋଳ ପଡ଼ିଆଠାରେ ୭ମ ବାର୍ଷିକ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ୨୪ ମୌଜାର ମୁଖ୍ୟ ପୁରୋଧା ସଂଗ୍ରାମ କେଶରୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପୁସ୍ତକ ମେଳାର ସଭାପତି ଉଲ୍ଲାସ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ବିଶ୍ୱପ୍ରକାଶ ପଟ୍ଟନାୟକ ଯୋଗଦେଇ ପୁସ୍ତକ ହେଉଛି ଜ୍ଞାନ ଓ ଦେଶ ବିକାଶର ଏକମାତ୍ର ରାସ୍ତା ବୋଲି କହିଥିଲେ। କବି ମାୟାଧର ମାନସିଂହଙ୍କ ମାଟିରେ ପାଦ ଦେଇ ସେ ନିଜକୁ ଧନ୍ୟ ମନେ କରିବା ସହ ପୁସ୍ତକ ମେଳାର ସମସ୍ତ ଆୟୋଜକ ଏବଂ ପ୍ରତିଷ୍ଠାତା ଶିକ୍ଷାବିତ୍ ବାନାମ୍ବର ବାରିକିଙ୍କୁ ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ଦୀପକ କୁମାର ଜେନା ଯୋଗଦେଇ ପୁସ୍ତକ ମେଳାର ଆୟୋଜକଙ୍କୁ ପ୍ରଶଂସା କରିବା ସହ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ବନ ବିହାରୀ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ଦଳେଇ, ବିପିନ ବିହାରୀ ଦଳେଇ, ପ୍ରଦୀପ ଦାସ, ରବୀନ୍ଦ୍ର ନାଥ ଜେନା, ରାମଚନ୍ଦ୍ର ବୈରୀଗଞ୍ଜନ, ଅଧ୍ୟାପକ ଗୋପାଳ ଚଟୋପାଧ୍ୟାୟ ଯୋଗଦେଇଥିଲେ। ସୁରେନ୍ଦ୍ରନାଥ ପ୍ରଧାନଙ୍କ ରଚିତ 'ମଶାଣି ଫୁଲ' ପୁସ୍ତକକୁ ମଞ୍ଚରେ ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ଦୈତାରୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଲକ୍ଷ୍ମୀଧର ଦାସ, ଲଳିତ କୁମାର ସ୍ୱାଇଁ, ବିଦ୍ୟାଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଚିଲିକା ଗାନ୍ଧୀ ସ୍ୱର୍ଗତ ଉଦୟନାଥ ଜେନାଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଥିଲା।

## ପାଇକ ସଙ୍ଘ ପକ୍ଷରୁ ସମରକଳା ପ୍ରଦର୍ଶନ

କୃଷ୍ଣପ୍ରସାଦ,୧୦।୩(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ମାଲୁଦ ୨୪ ମୌଜା ପଞ୍ଚଦୋଳ ପଡ଼ିଆରେ ବାବା ଆଖଣ୍ଡଳେଶ୍ୱର ପାଇକ ଆଖଡ଼ା ସଙ୍ଘ ଆନୁକୂଲ୍ୟରେ ପାରମ୍ପରିକ ସମରକଳା କ୍ରୀଡ଼ା କୌଶଳ ପ୍ରଦର୍ଶନୀ ଉତ୍ସବ ପଞ୍ଚୁଦୋଳ ପଡ଼ିଆଠାରେ ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସେଠାରେ ପାଇକ ଆଖଡ଼ା ଖେଳ ପ୍ରଦର୍ଶନ ସହିତ ଆଗାମୀ ଦିନରେ ଏହାକୁ ଉଜ୍ଜୀବିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ମୁଖ୍ୟ ଅତିଥି ଭାବରେ ସୀମାଞ୍ଚଳ ସାହୁ ଯୋଗଦେଇଥିଲେ। ପୂର୍ଣ୍ଣ ମାତ୍ରାରେ ସଙ୍ଘର ସଭାପତି ଯୋଗେନ୍ଦ୍ର ବୈରୀଗଞ୍ଜନ, ସମ୍ପାଦକ ସୁକାନ୍ତ ବିଶ୍ୱାଳ, ୨୪ ମୌଜା ମାର୍ଫତ୍‌ଦାର ସଂଗ୍ରାମ କେଶରୀ ଜେନା, ପାଇକ ଗୁରୁ ଭୋବନି ବିଶ୍ୱାଳ, ବିଦ୍ୟାଧର ପଲେଇ ଓ ଅନେକ ବିଦ୍ୱାନ ବ୍ୟକ୍ତି ଉପସ୍ଥିତ ଥିଲେ।

### କାର୍ଯ୍ୟରତ ଆଶାକର୍ମୀଙ୍କୁ ଡାକ୍ତରଖାନାରେ ମାଡ଼

# କାର୍ଯ୍ୟାନୁଷ୍ଠାନ ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ

ଡେଲାଙ୍ଗ,୧୦।୩(ସମିସ)



ଜଣେ ଗର୍ଭବତୀ ମହିଳାଙ୍କୁ ଜନୈକ ଆଶାକର୍ମୀ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଆସିଥିବା ବେଳେ ଅନ୍ୟ ଜଣେ ମହିଳା ତାଙ୍କୁ ନିସ୍ତୁକ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆଶାକର୍ମୀ ଜଣକ ଗର୍ଭବତୀ ମହିଳାଙ୍କୁ ଡାକ୍ତରଙ୍କ ସହିତ ପରାମର୍ଶ କରାଇ ପୁନର୍ବାର ଔଷଧ ସେବନ କରିବା ସମ୍ପର୍କରେ ପଚାରିବାକୁ

### ସର୍ବ ସମ୍ମୁଖରେ ଭୁଲ୍ ସ୍ୱୀକାର କଲେ ମାଡ଼ ମାରିଥିବା ମହିଳା

ଯାଉଥିବାବେଳେ ଧାଡ଼ିରେ ଛିଡ଼ା ହୋଇଥିବା ଅନ୍ୟଜଣେ ମହିଳା ତାଙ୍କୁ ବିରୋଧ କରିବା ସହିତ ତାଙ୍କ କାନମୁଣ୍ଡାକୁ ମାଡ଼ ମାରିଥିଲେ। ଏହି ଆକ୍ରମଣରେ ଆଶାକର୍ମୀଙ୍କ କାନଫୁଲ ଓ ହାତରୁ ଚୁଡ଼ି ଭାଙ୍ଗିଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହା ସହିତ ଆକ୍ରମଣକାରୀ ମହିଳା ଜଣକ ତାଙ୍କ ଚାକିରି ନେଇଯିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହବାରେ ଲାଗିଛି। ଏହାକୁ ବିରୋଧ କରି ବ୍ଲକ୍‌ର ସମସ୍ତ ଆଶାକର୍ମୀ ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପ୍ରତିବାଦ କରିବା ସହିତ ଆକ୍ରମଣକାରୀ ମହିଳାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ବିରୋଧ ପ୍ରଦର୍ଶନ ହେବାରୁ ଆକ୍ରମଣକାରୀ ମହିଳା ଜଣକ ଘଟଣାସ୍ଥଳରେ ପହଞ୍ଚି ନିଜର ଭୁଲ୍ ସ୍ୱୀକାର କରିବା ସହିତ ପୀଡ଼ିତା ଆଶାଙ୍କୁ କ୍ଷମା ପ୍ରାର୍ଥନା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପଟେ ମହିଳା ସ୍ୱାସ୍ଥ୍ୟସେବୀମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟିଦେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବି ହୋଇଛି।

ସକାଳ
THE SAKALA



## କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରେ ମାଙ୍କଡ଼ା ଖଣି କାରବାର

# ସନ୍ତୁଷ୍ଟୀକରଣ ପାଇଁ ୭ ଲକ୍ଷ ଚାନ୍ଦା ଆଦାୟ

ନୟାଗଡ଼,୧୦।୩(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ, କୋମଣ୍ଡ ପଞ୍ଚାୟତ ଭାଲୁଗାଡ଼ିଆ ଅଞ୍ଚଳରେ ବେଆଇନ ମାଙ୍କଡ଼ା ଖଣି କାରବାର ଦୀର୍ଘଦିନ ଧରି ଚାଲି ଆସୁଛି। ଖଣି ବିଭାଗ କର୍ମଚାରୀମାନେ ଲଗାତର ଭାବେ ଉକ୍ତ ଅଞ୍ଚଳକୁ ଯାଇ ଛାନଭିନ୍ କରିବା

- ଗଠନ ହେଲା ନୂଆ ସିଣ୍ଡିକେଟ୍
- ନେତୃତ୍ୱ ନେଉଛନ୍ତି ବିଜେପି ନେତା
- ରଣପୁରରୁ ମିଳିଛି ଅଭୟ ବାଣୀ

ଏବଂ ପୁଲିସ କିଛି ଗାଡ଼ିକୁ ଧରପଗଡ଼ କରିବା ପରେ ଛନକା ସୃଷ୍ଟି ହୋଇଛି। ଯେଉଁଥିପାଇଁ ପୁଣି ଥରେ ନୂତନ ଭାବେ ସିଣ୍ଡିକେଟ୍ ଗଠନ କରାଯାଇଛି। ଜନୈକ ବିଜେପି ନେତା ଏହାର ନେତୃତ୍ୱ ନେଇଛନ୍ତି। ପ୍ରତି ଟ୍ରାକ୍ଟର, ୪୦୭, ଜେସିବି, କମ୍ପ୍ରେସର ମେସିନ ପିଛା ୧୦ ହଜାର ଲେଖାଏଁ ଚାନ୍ଦା ଆଦାୟ କରାଯାଇଛି। ୭ ଲକ୍ଷରୁ ଊର୍ଦ୍ଧ୍ୱଟଙ୍କା ଚାନ୍ଦା ଆଦାୟ କରାଯାଇଥିବା ବେଳେ ଏହି ଟଙ୍କାରେ ନେତା, ତହସିଲ, ଖଣି ବିଭାଗ, ପୁଲିସ ଓ ସାମ୍ବାଦିକଙ୍କୁ ସନ୍ତୁଷ୍ଟ କରାଯିବାକୁ ଯୋଜନା ହୋଇଛି। ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳରୁ ଖଣି କାରବାର ଚଲାଇବା ପାଇଁ ଅଭୟବାଣୀ ମିଳିଥିବା ଚର୍ଚ୍ଚା ହେଉଛି। ରଣପୁର ନେତାଙ୍କ ତତ୍ତ୍ୱାବଧାନରେ ପୁଲିସ, ତହସିଲ ଓ ଖଣି ବିଭାଗ ମୁହଁ ବନ୍ଦ କରିବାକୁ ଯୋଜନା ହୋଇଛି। ଆସନ୍ତା ୧୨ ତାରିଖଠାରୁ ଜୋରସୋରରେ ଖଣି କାରବାର ଚାଲିବ ବୋଲି ଟଙ୍କା ଆଦାୟ କରିଥିବା ନେତା ମାଫିଆଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଦୀର୍ଘବର୍ଷ ଧରି ଚାଲି ଆସୁଥିବା ଏହି ବେଆଇନ ମାଙ୍କଡ଼ା ଖଣି କାରବାର ଉପରେ କିଛି ଦିନ ରୋକ ଲାଗିଥିବା ବେଳେ ଏବେ ପୁଣି ମାଫିଆ ସକ୍ରିୟ ହୋଇଥିବା ଆଲୋଚନା ହେଉଛି। ନୟାଗଡ଼ ଖଣି ବିଭାଗ ଅଧିକାରୀଙ୍କ ଅପାରଗ ପଣିଆ ଏବଂ ସ୍ୱାର୍ଥପରତା ପାଇଁ ଏଭଳି ବେଆଇନ ଖଣି କାରବାର ସମ୍ଭବ ହୋଇପାରୁଛି। ବେଆଇନ ମାଙ୍କଡ଼ା ଖନନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଚାଷ ଉଜୁଡ଼ିବାକୁ ବସିଥିବାବେଳେ ଶହଶହ ମୃତ ଖଣି ପୋଖରୀ ପାଲଟି ଯାଇଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ଚାଲୁଥିବା ମାଫିଆରାଜ ଉପରେ ପ୍ରଶାସନିକ ପାହାର ଆବଶ୍ୟକତା ରହିଥିବା ବେଳେ ଏହାକୁ ସର୍ବଦା ଅଣଦେଖା କରାଯାଉଛି। ସ୍ଥାନୀୟ ଆର୍‌ଆଇ ସବୁଜାଣି ନିରବ ରହୁଥିବା ଏବଂ ଜିଲ୍ଲା ପ୍ରଶାସନକୁ ଏ ନେଇ ଅବଗତ କରୁ ନ ଥିବା ଅଭିଯୋଗ ହେଉଛି। ବେଆଇନ ଖଣି ଖନନ ସମ୍ପର୍କରେ ସ୍ଥାନୀୟ ଆର୍‌ଆଇ ତହସିଲକୁ ଏବଂ ତହସିଲ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନକୁ ଅବଗତ କରିବାର ନିୟମ ରହିଛି। ମାତ୍ର ଏ ନେଇ କୌଣସି ସୂଚନା ମଧ୍ୟ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଉନାହିଁ। ଲଘୁ ଖଣିଜ ବେଆଇନ ଚାଲାଣ ଉପରେ ରୋକ ଲଗାଇବା ପାଇଁ ଖଣି ବିଭାଗ ଯେଉଁ ଭଳି ତତ୍ପରତା ପ୍ରକାଶ କରିବା କଥା, ତାହା କରୁନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଖଣି ବିଭାଗ କର୍ମଚାରୀ କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳକୁ ଆସୁଥିବା ନେଇ କିଭଳି ମାଫିଆମାନେ ଆଗୁଆ ଖବର ପାଉଛନ୍ତି ବୋଲି ପ୍ରଶ୍ନ ଉଠିଛି। କେବେ ଏହି ଖଣି କାରବାର ଉପରେ ରୋକ ଲାଗିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗାଁ ଗାଁରେ ଫୁଟୁଛି ଡିନାମାଇଟ୍

ନୟାଗଡ଼: ଯାଜପୁର ପରେ ନୟାଗଡ଼ ଏବେ ଦ୍ୱିତୀୟ ସ୍ଥାନରେ ରହିବ। ବେଆଇନ ପଥର ଖଣି କରି ମାଫିଆ ରାଜ ଆରମ୍ଭ ହୋଇଛି। ରଣପୁର ତହସିଲ ଅଧୀନରୁ ଏଭଳି ଚିତ୍ର ସାମ୍ନାକୁ ଆସିଛି। ନୟାଗଡ଼ ଜିଲ୍ଲାରେ ଯେତିକି ଖଣି ନାହିଁ, କେବଳ ରଣପୁର ତହସିଲ ଅଧୀନରେ ତାହାଠାରୁ ଅଧିକ ବେଆଇନ ଖଣି ଆରମ୍ଭ ହୋଇଛି। ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା ଜଙ୍ଗଲ ପାହାଡ଼କୁ ଛାରଖାର କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ରଣପୁର ତହସିଲ ଅଧୀନରେ ୧୭ଟି ବେଆଇନ ଖଣି କିଛି ମାସ ହେବ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଯାହା ୨୪ ବର୍ଷ ସରକାରରେ ହୋଇ ନ ଥିଲା, ତାହା ଦୁଇ ବର୍ଷର ସରକାର ସମୟରେ ହୋଇଛି। ଲଘୁ ଖଣିଜ ଦ୍ରବ୍ୟ ଲୁଟ ପାଇଁ ସୁନିଶ୍ଚିତ ଷଡ଼ଯନ୍ତ୍ର କରାଯାଇଛି। ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ମାଫିଆ ଏହି ବେଆଇନ ଖଣି ଚଳାଉଥିବା ବେଳେ ଏସବୁକୁ ଜଣେ ବ୍ୟକ୍ତି ନିୟନ୍ତ୍ରଣ କରୁଥିବା ଅଭିଯୋଗ ହୋଇଛି। ରଣପୁର ତହସିଲ ଅଧିନସ୍ଥ ଲୋଧାଚୁଆ


ରଣପୁରରେ ୧୭ରୁ ଉର୍ଦ୍ଧ୍ୱ ବେଆଇନ ପଥର ଖଣି

ପଞ୍ଚାୟତରେ ଏକାଧିକ ବେଆଇନ ପଥର ଖଣି ରହିଛି। ସେହିଭଳି ସୁନାଖଳା ପଞ୍ଚାୟତରେ ମଧ୍ୟ ଏକାଧିକ ପଥର ଖଣିରୁ ବ୍ଲାଷ୍ଟିଂ କରି ପଥର ଚୋରା ଚାଲାଣ ହେଉଛି। ନରେନ୍ଦ୍ରପୁର ପଞ୍ଚାୟତରେ ମଧ୍ୟ ଏକାଧିକ ସ୍ଥାନରେ ପଥର ଖଣି ଚାଲୁଛି। ସେହିଭଳି ମଝିଆଖଣ୍ଡ ନିକଟସ୍ଥ ବାଉରୀବନ୍ଧ ପାହାଡ଼, ଜଙ୍କିଆ ନିକଟସ୍ଥ ନୂଆପଡ଼ା ବନ୍ଧଖୋଲରେ ମଧ୍ୟ ବେଆଇନ ପଥର ବ୍ଲାଷ୍ଟିଂ ହେଉଛି। ରାଇପଡ଼ା ପଞ୍ଚାୟତର ଏକାଧିକ ସ୍ଥାନରେ ପଥର ଖଣି ଚାଲୁଥିବା ବେଳେ ଅର୍ଜ୍ଜୁନପୁରରେ ବ୍ଲାଷ୍ଟିଂ ସାଧାରଣ ଲୋକଙ୍କୁ ଭୟଭୀତ କରୁଥିବା ଅଭିଯୋଗ ହୋଇଛି। ଚମ୍ପାପେଡ଼ି ପଞ୍ଚାୟତରେ ଦୁଇଟି ବେଆଇନ ପଥର ଖଣି ଚାଲୁଛି। ରଣପୁର ତହସିଲ ଅଧୀନରେ ୧୭ରୁ ଉର୍ଦ୍ଧ୍ୱ ବେଆଇନ ପଥର ଖଣି ଏବଂ ସଂଖ୍ୟାଧିକ ମାଙ୍କଡ଼ା ପଥର ଖଣି ମାଫିଆଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି। ଏଭଳି ସ୍ଥିତି ଦ୍ୱାରା ଆଗାମୀ ଦିନରେ ରଣପୁର ଅଞ୍ଚଳର ପାହାଡ଼ ଓ ସବୁଜିମା ନଷ୍ଟ ହେବା ସହ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ନିଶ୍ଚିତ ବୋଲି ଅଭିଯୋଗ ହେଉଛି। ପ୍ରତ୍ୟେକ ଖଣିରେ ବେଆଇନ ଭାବେ ବିସ୍ଫୋରଣ ବ୍ୟବହାର ଦ୍ୱାରା ଜନଜୀବନ ବିପଦ ମଧ୍ୟ ଠେଲି ହୋଇଯାଉଛି। ଏହାକୁ ନିୟନ୍ତ୍ରଣ କରିବାକୁ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

### ● ଭାରତ ବନ୍ଦ ଦିନ ଗଣ୍ଡଗୋଳ ଘଟଣା

## ଶ୍ରମ ବିଭାଗ ଡ୍ରାଇଭର ନାଁରେ ମାମଲା ରୁଜୁ

ନୟାଗଡ଼,୧୦।୩(ସମିସ): ନୟାଗଡ଼ ଟାଉନଥାନା ପୁଲିସ ଅଭିଯୋଗ ଆଧାରରେ ଏତଲା ରୁଜୁ କରୁ ନଥିବା ନେଇ ନୟାଗଡ଼ ଜିଲ୍ଲାପାଳ ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଖବର ସକାଳରେ ପ୍ରକାଶ ପାଇବା ପରେ ଆଜି ଟାଉନଥାନା ପୁଲିସ ଶ୍ରମ ବିଭାଗ ଡ୍ରାଇଭର ପ୍ରକାଶ ମହାନ୍ତି ନାଁରେ ମାମଲା ରୁଜୁ କରିଛି। ସୂଚନାନୁସାରେ, ଫେବୃୟାରୀ ୧୨ ତାରିଖ ଟ୍ରେଡ୍ ୟୁନିଅନ ଡାକରାରେ ଭାରତ ବନ୍ଦ ହୋଇଥିଲା। ଏହି ଆନ୍ଦୋଳନରେ ସାମିଲ ଥିବା ଇଟାମାଟି ଥାନା ବିରୁଡ଼ା ଗ୍ରାମର ଭୁବନ ଚାନ୍ଦ ହାତୀ ନୟାଗଡ଼ ଜିଲ୍ଲା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ବନ୍ଦ କରାଇବା ପାଇଁ ଯାଇଥିଲେ। ସେଠାରେ ଉପସ୍ଥିତ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଗାଡ଼ି ଚାଳକ ପ୍ରକାଶ ମହାନ୍ତି ତାଙ୍କ ଫଟୋ ଉଠାଇ ଜବରଦସ୍ତ ଚାନ୍ଦା ମାଗିଥିଲେ। ଏପରିକି ତାଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ପୂର୍ବରୁ ରାଗ ରଖି ଗାଡ଼ି ଚାଳକ ଏଭଳି କାଣ୍ଡ କରିଥିବା ଅଭିଯୋଗ ହୋଇଛି।

ପୂର୍ବତନ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତଙ୍କୁ ଭିଜିଲାନ୍ସ ଟ୍ରାପ୍ କରିବା ଘଟଣାରେ ଭୁବନ ଅଭିଯୋଗକାରୀ ରହିଥିଲେ। ଯେଉଁ କାରଣ ପାଇଁ ଶ୍ରମ ଅଧିକାରୀଙ୍କ ଖାସଗାଡ଼ି ଚାଳକ ପୂର୍ବରାଗ ଶୁଝାଇବାକୁ ଏଭଳି କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଫେବୃୟାରୀ ୧୩ ତାରିଖରେ ଭୁବନ ନୟାଗଡ଼ ଟାଉନଥାନାରେ ଏତଲା ଦେଇଥିଲେ। ଟାଉନଥାନା ପୁଲିସ ମାମଲା ରୁଜୁ ନକରି ରଫାଦଫା କରିବାକୁ ଚାପ ପକାଇଥିଲେ। ଯାହାକୁ ନେଇ ଭୁବନ ଜନଶୁଣାଣି ପୋର୍ଟାଲ ଜରିଆରେ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଗତ ୨ ତାରିଖରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଟାଉନଥାନା ଅଧିକାରୀ ଗତ ୩ ତାରିଖରେ ତାଙ୍କୁ ଡକାଇ ପୁର୍ନବାର ପୁଣି ଏକ ଲିଖିତ ଏତଲା ଦେବାକୁ କହିଥିଲେ। ଏପରିକି ତାଙ୍କୁ ମାମଲା ରେଜେଷ୍ଟ୍ରି କରିବାକୁ ଦୁଇ ଦିନ ଥାନାରେ ବସାଇଥିବା ଅଭିଯୋଗ ହୋଇଥିଲା। ସବୁ ପରେ ବି ଟାଉନଥାନା ପୁଲିସ ମାମଲା ରୁଜୁ ନକରିବାରୁ ସେ ପୁନର୍ବାର ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ ନୋଟ୍ ପ୍ରଦାନ କରିଥିଲେ। ଆଜି ଟାଉନଥାନା ପୁଲିସ ଅଭିଯୁକ୍ତ ପ୍ରକାଶ ମହାନ୍ତି ନାଁରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ଗୋଟିଏ ରାତିରେ ସାତ ଜଣଙ୍କ ଘରୁ ଚୋରି

ଭାପୁର,୧୦।୩(ସମିସ): ଗୋଟିଏ ରାତିରେ ଗୋଟିଏ ଗାଁରେ ୭ ଜଣଙ୍କ ଘରୁ ଚୋରି ହେବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଏପରି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ବିଜିପୁର ଗ୍ରାମ ଉପର ମହାନ୍ତି ସାହିରେ। ଏହି ସାହିର ଅନେକ ପରିବାର ଗାଁ ବାହାରେ ରୁହନ୍ତି। ଏହାର ସୁଯୋଗରେ ନିଶାଡ଼ିମାନେ ସୋମବାର ରାତିରେ ଯୋଗୀନାଥ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ଅରୁଣ କୁମାର ପଟ୍ଟନାୟକ, ବସନ୍ତ ଜେନା, ଭିକା ପରିଡ଼ା, ବାବୁଲି ଦାଶ ଓ ଅନ୍ୟ ଜଣଙ୍କ ଘର ତାଲା ଭାଙ୍ଗି ଚୋରି କରି ନେଇଛନ୍ତି। ଯୋଗୀନାଥ ପଟ୍ଟନାୟକଙ୍କ ଘରୁ ଦେଢ଼ ଲକ୍ଷ ଟଙ୍କାର କଂସା, ପିତ୍ତଳ ବାସନ ସହ ଅନେକ ଦାମୀ ସାମଗ୍ରୀ ଚୋରି ହୋଇଯାଇଛି। ବାବୁଲି ଦାଶଙ୍କ ଘରୁ ଅନେକ ଦାମୀ ଲୁଗାପଟା ସହ ଅନ୍ୟ ସାମଗ୍ରୀ ଚୋରି ହୋଇଛି। ଅନେକ ବର୍ତ୍ତମାନ ସୁଦ୍ଧା ଗାଁକୁ ଫେରି ନ ଥିବାରୁ ସେମାନଙ୍କ ଘରୁ କେତେ କେତେ ସାମଗ୍ରୀ ଚୋରି ହୋଇଛି ସେ ନେଇ ସବିଶେଷ ତଥ୍ୟ ମିଳିପାରିନାହିଁ। ଭାପୁର ଫାଣ୍ଡିରେ ଏ ନେଇ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଖଣ୍ଡପଡ଼ା,୧୦।୩(ସମିସ): ଖଣ୍ଡପଡ଼ା ବ୍ଲକ୍‌ର ରୟତି ଢୋଲମରା ପଞ୍ଚାୟତ ଅଧୀନ କୁଟୁକୁଣି ଗ୍ରାମ ବନ୍ଧ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ନିକଟସ୍ଥ ବରପଲ୍ଲୀ ଗ୍ରାମର ଶୁକଦେବ ବେହେରାଙ୍କ ଏକମାତ୍ର ପୁତ୍ର ଅଜୟ ବେହେରା(୨୧)ଙ୍କ ଅକାଳ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅଜୟ ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗ ଗଣିଆ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ପଲସର ବାଇକ ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ବାସିନ୍ଦା ଓ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ପ୍ରଥମେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଭୁବନେଶ୍ୱରସ୍ଥିତ ୬ ନଂ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

## ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରଲୋକ

ଗଣିଆ,୧୦।୩(ସମିସ): ଗଣିଆ ବ୍ଲକ୍ ଆଡକଟାର ବରିଷ୍ଠ ସଂଗଠକ, ସାମାଜିକ କର୍ମୀ ତଥା ରାଜନେତା କାଶୀନାଥ ବାରିକଙ୍କ ମୃତ୍ୟୁ ଘଟିଛି। ଜନସାଧାରଣଙ୍କ ସେବା କରିବାକୁ ସେ ସବୁବେଳେ ତତ୍ପର ଥିଲେ। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ସ୍ୱର୍ଗତ ହରିହର କରଣଙ୍କର ସେ ବେଶ୍ ଆନୁଗତ୍ୟ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବନମାଳୀ ବାରିକି ମହାବିଦ୍ୟାଳୟ, ଆଡକଟାର ପ୍ରତିଷ୍ଠାତା ତଥା ସମ୍ପାଦକ ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା। ମହାବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି ସେ ପ୍ରକାଶ କରିଛନ୍ତି। ଜଣେ ପରୋପକାରୀ, ଦାୟିତ୍ୱବାନ ତଥା ଦୃଢ଼ ସଂଗଠକଙ୍କୁ ହରାଇଲୁ ବୋଲି ଅଞ୍ଚଳବାସୀ ମତବ୍ୟକ୍ତ କରିଛନ୍ତି। କଂଗ୍ରେସର ଜିଲ୍ଲା ସଭାପତି ରଣଜିତ୍ ଦାଶ, ଗଣିଆ ମଣ୍ଡଳ ସଭାପତି ହଲିମ୍ ଖାଁ ପ୍ରମୁଖ ଶୋକ ପ୍ରକାଶ କରିଥିବା ଜଣାପଡିଛି।

## ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ



ନୟାଗଡ଼,୧୦।୩(ସମିସ): ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନଠାରେ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ସକାଳେ ସଂସ୍କୃତି ଭବନଠାରେ ଏକ ଯୋଗ ଶିବିର ଆୟୋଜନ କରାଯାଇ ବୟସ୍କ ବ୍ୟକ୍ତିଙ୍କୁ ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସମ୍ୟକ ଧାରଣ ଦିଆଯାଇଥିଲା। ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ଏବଂ ବିଶେଷଜ୍ଞଙ୍କ ଉପସ୍ଥିତିରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇ ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରାଯାଇଥିଲା। ଏହି ସଭା ଅଭିପ୍ରାୟେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସର୍ବେଶ୍ୱର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ମଧୁମିତା ରଥ ବୟସ୍କ ବ୍ୟକ୍ତିଙ୍କୁ ସାମାଜିକ ମୂଲ୍ୟବୋଧ, ସରକାରଙ୍କ ଯୋଜନା ଓ ଶାରୀରିକ ସୁସ୍ଥତା ସମ୍ପର୍କରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ମଧ୍ୟ ଉପସ୍ଥିତ ଥିଲେ। ସଭାରେ ସାଇବର ସୁରକ୍ଷା ଅଧିକାରୀ ପରମାନନ୍ଦ ଦଳେଇ, ଏଫ୍‌ଏଲ୍‌ସି ଅଶୋକ ସାହୁ ଆର୍ଥିକ ସାକ୍ଷରତା ବିଷୟରେ ବୟସ୍କ ବ୍ୟକ୍ତିଙ୍କୁ ବୁଝାଇଥିଲେ। ଏଥିସହ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୟସ୍କ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ବିଷୟରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ଉକ୍ତ ସଭାରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ସଭା ସଞ୍ଚାଳନର ଦାୟିତ୍ୱ ତୁଲାଇ ଉପସ୍ଥିତ ସମସ୍ତ ସଦସ୍ୟ ଓ ସାମ୍ବାଦିକ ବନ୍ଧୁଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସମାପନ କରିଥିଲେ। ନୟାଗଡ଼ ଜିଲ୍ଲା ଓ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ■ ବନମାଳୀପୁର ପଞ୍ଚୁଦୋଳ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

## ମହୋତ୍ସବ ଦ୍ୱାରା ଭାଇଚାରା ଓ କଳା ସଂସ୍କୃତି ଉଜ୍ଜୀବିତ ହୁଏ

ଖଣ୍ଡପଡ଼ା,୧୦।୩(ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଓ ମହୋତ୍ସବ ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟା ଖୁବ୍ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ବାବା ସୋମନାଥ ଦେବଙ୍କ ପୀଠରେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗ୍ରାମ ସଭାପତି ରାଧାନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ଦ୍ୱାରା ଭାଇଚାରା ଓ କଳା ସଂସ୍କୃତି ଉଜ୍ଜୀବିତ ରହିଥାଏ ବୋଲି ଶ୍ରୀ ପ୍ରଧାନ କହିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ବନମାଳୀପୁର ସରପଞ୍ଚ ବାସନ୍ତୀ ବେହେରା, ଗ୍ରାମ ସମ୍ପାଦକ ପ୍ରମୋଦ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ମହୋତ୍ସବର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ସଭାକାର୍ଯ୍ୟ ଶେଷରେ ଗ୍ରାମ ସମ୍ପାଦକ ଶ୍ରୀ ସାହୁ ମହୋତ୍ସବକୁ ସମସ୍ତଙ୍କର ସହଯୋଗ ଲୋଡ଼ିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଭାକାର୍ଯ୍ୟ ପରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ନାଭିଆ ଯାଇତିଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ। ବୁଧବାର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଶାର ଚର୍ଚ୍ଚିତ କଣ୍ଠଶିଳ୍ପୀ ସନ୍ତୋଷ ଦୋରାଙ୍କ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।



ନାଭିଆଙ୍କ ସଂଗୀତରେ ଝୁମିଲେ ଦର୍ଶକ

## 'ଏମିତି ଭୁଲ କେବେ ହେବନି' ମଞ୍ଚସ୍ଥ



ଭାପୁର,୧୦।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ପଞ୍ଚାୟତ ପାର୍ବତୀପୁର ଗ୍ରାମରେ କେତେ ଦଶନ୍ଧି ଧରି ପଞ୍ଚୁ ଦୋଳ ମେଳନ ହୋଇ ଆସୁଛି। ଏହି ମେଳନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ମଧ୍ୟ ଆୟୋଜିତ ହୋଇ ଆସୁଥିଲା। ମାତ୍ର ଗାଁରେ ଗ୍ରାମର ଯୁବକଙ୍କ ଦ୍ୱାରା କେବେ ବି ଏହି ମେଳନ କିମ୍ବା କେବେ ବି ସାମାଜିକ ନାଟକ ମଞ୍ଚସ୍ଥ ହୋଇ ନ ଥିଲା। ଏହି ଧାରାକୁ ଭାଙ୍ଗି ନୂତନ ପରମ୍ପରା ସୃଷ୍ଟି କରିଛନ୍ତି ଗ୍ରାମର ଶିକ୍ଷିତ ଯୁବକମାନେ। ଏ ବର୍ଷ ଦୋଳ ମେଳନ ପର୍ବରେ ଗ୍ରାମର ଯୁବକମାନେ ଏକାଠି ହୋଇ ସାମାଜିକ ନାଟକ 'ଏମିତି ଭୁଲ କେବେ ହେବନି' ମଞ୍ଚସ୍ଥ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ସୂର୍ଯ୍ୟମଣି ଦାଶ। ଏହା ସହ ଗ୍ରାମର ବୟସ୍କ ମୁଖିଆ ବ୍ୟକ୍ତି ବିମ୍ବାଧର ପଣ୍ଡା, ବ୍ରଜବନ୍ଧୁ ପ୍ରଧାନ, ଭାଗୀରଥି ବେହେରା, ହରିହର ପଣ୍ଡା, ଆଲିଆ ପଣ୍ଡା, ଗଦାଧର ବାରିକ, ଭ୍ରମରବର ମହାନ୍ତି, ମଦନମୋହନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଆଶୀର୍ବାଦ ନେଇଥିଲେ ଗ୍ରାମର ଯୁବକମାନେ।

## ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

ଭାପୁର,୧୦।୩(ସମିସ): ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ସୋମବାର ବ୍ଲକ୍‌ରେ ଏକ ମିଳିତ ଜନଶୁଣାଣି ଶିବିରରେ ଯୋଗଦେଇ ଜନଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୧୧୧ ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୯୧ ଟି ନିଜସ୍ୱ, ୬ ଟି ଗ୍ରାମୀଣ ସମସ୍ୟା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ୧୪ଟି। ସେଥିମଧ୍ୟରୁ ୬୨ ଟି ତତ୍କାଳ ସମାଧାନ ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ ରାଉତ, ଏଡିଏମଓ ରୋଜିନା ଦାସ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଡିଏସପି ଦୀନେଶ କୁମାର ନାୟକ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡାକ୍ତର ନିଳୀମା ଲାକ୍ରା, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ତହସିଲଦାର ଲୋପାମୁଦ୍ରା ରଥଙ୍କ ସହ ଜିଲ୍ଲା ସ୍ତରୀୟ ସମସ୍ତ ପଦାଧିକାରୀ ମାନେ ଓ ବ୍ଲକ ସ୍ତରୀୟ ସମସ୍ତ ପଦାଧିକାରୀ ଯୋଗ ଦେଇଥିଲେ।

## ଶିଖରପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଅଙ୍ଗିସିଙ୍ଗି ଚାମ୍ପିଅନ



ଶରଣକୁଳ,୧୦।୩(ସମିସ): ଶରଣକୁଳ ନିକଟସ୍ଥ ଶିଖରପୁର ମା'ଆନନ୍ଦେଶ୍ୱରୀ ଖେଳପଡ଼ିଆରେ ଅନୁଷ୍ଠିତ ମା' ତାରିଣୀ କ୍ରିକେଟ ଆସୋସିଏସନ୍‌ର ଚାମ୍ପିଅନ ଟ୍ରଫି କ୍ରିକେଟ ଫାଇନାଲରେ ଅଙ୍ଗିସିଙ୍ଗି ଦଳ ଚାମ୍ପିଅନ ହୋଇଛି। ବୁଧବାର ଆରମ୍ଭ ହୋଇଥିବା ଏହି ଖେଳର ଆଜି ଥିଲା ଉଦ୍‌ଯାପନୀ ଦିବସ। ଫାଇନାଲ ମ୍ୟାଚ୍‌ରେ ଅଙ୍ଗିସିଙ୍ଗି ଦଳ ପଞ୍ଚିରିଡ଼ା ମାନପୁର କ୍ରିକେଟ୍ କ୍ଲବ୍‌କୁ ଭେଟିଥିଲା। ପ୍ରଥମେ ପଞ୍ଚିରିଡ଼ା ମାନପୁର ବାବା ବାଲୁଙ୍କେଶ୍ୱର କ୍ରିକେଟ ଆସୋସିଏସନ୍ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଥିଲେ। ନିର୍ଦ୍ଧାରିତ ୧୫ ଓଭରରୁ ୧୩ ଓଭର ବିନିମୟରେ ୧୫୯ ରନ ସଂଗ୍ରହ କରି ଅଲ୍ ଆଉଟ୍ ହୋଇଥିଲେ। ବିପକ୍ଷ ରେ ମା' ମଙ୍ଗଳା କ୍ରିକେଟ ଆସୋସିଏସନ୍ ଅଙ୍ଗିସିଙ୍ଗି ୧୬୦ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ପଞ୍ଚିରିଡ଼ା ଦଳର ରାକେଶ ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ୍ ହେବା ସହିତ ଟ୍ରଫି ଗ୍ରହଣ କରିଥିଲେ। ୱିନର ଦଳକୁ ଟ୍ରଫି ସହିତ ଛଅ ହଜାର ନଗଦ ଟଙ୍କା ଦିଆଯାଇଥିଲା। ରନର ଦଳକୁ ଟ୍ରଫି ସହିତ ଚାରି ହଜାର ନଗଦ ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିଖରପୁର ସରପଞ୍ଚ ସନ୍ନ୍ୟାସୀ ପ୍ରଧାନ, ସମିତି ସଭ୍ୟ ଭାଗବତ ସେଠୀ, ସମାଜସେବୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାମ୍ବାଦିକ କାବୁଲି ଗାଆଣ, ଶିଖରପୁର ସାହି ସଭାପତି ଅଭିମନ୍ୟୁ ନାୟକ, ଦିଲ୍ଲୀପ ପ୍ରଧାନ, ଅର୍ଜୁନ ଦାସ, ଅଭିମନ୍ୟୁ ପରିଡ଼ା, ଉପଦେଷ୍ଟା ତ୍ରିନାଥ ମନ୍ତ୍ରୀ, ମା'ତାରିଣୀ କ୍ରିକେଟ୍ ଆସୋସିଏସନ୍‌ର ସଭାପତି ସୁରେନ୍ଦ୍ର କୁମାର ନାୟକ ଯୋଗ ଦେଇ ଖେଳାଳିଙ୍କ ସହିତ କରମର୍ଦ୍ଦନ କରି ଉଭୟ ଦଳକୁ ପୁରସ୍କାର ବିତରଣ କରିଥିଲେ। ରମେଶ ପରିଡ଼ା, ହାପି ମନ୍ତ୍ରୀ ଖେଳକୁ ପରିଚାଳନା କରିଥିଲେ।

### ରାସ୍ତା ନିର୍ମାଣକୁ ନେଇ ଦୁଇ ଗାଁ ବିବାଦ

## ପ୍ରଶାସନିକ ହସ୍ତକ୍ଷେପ ପରେ ହଟିଲା ରାସ୍ତାରୋକ

ନୟାଗଡ଼,୧୦।୩(ସମିସ)



ରାସ୍ତା ନିର୍ମାଣକୁ କେନ୍ଦ୍ରକରି ଦୁଇ ଗାଁ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ନୟାଗଡ଼ ଟାଉନଥାନା ଖମାରିସାହି ଏବଂ ମଙ୍ଗରାଜପୁର ଗ୍ରାମବାସୀଙ୍କ ମଧ୍ୟରେ ଏହି ବିବାଦ ଦେଖାଦେଇଛି। ଆଜି ଖମାରସାହି ଗ୍ରାମବାସୀ ରାସ୍ତାରେ ପାଲ ପକାଇ ବସି ରହିବା ଫଳରେ ମଙ୍ଗରାଜପୁର ଗ୍ରାମବାସୀ ବାହାରକୁ ଯାଇପାରୁନାହାନ୍ତି। ଫଳରେ ଉଭୟ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଟାଉନଥାନା ଅଧିକାରୀ ରଶ୍ମୀରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରିଛନ୍ତି। ମଙ୍ଗରାଜପୁର ଗ୍ରାମବାସୀ ଖୋର୍ଦ୍ଧା ବଲାଙ୍ଗିର ଜାତୀୟ ରାଜପଥରୁ ଖମାରସାହି ଦେଇ ଯିବା ଆସିବା କରନ୍ତି। ଏବେ ମଙ୍ଗରାଜପୁର ଗ୍ରାମକୁ ହାଟଦ୍ୱାରଠାରୁ ଏକ ରାସ୍ତା ଆର୍‌ଡି ବିଭାଗ ନିର୍ମାଣ କରୁଛି। ଏହି ରାସ୍ତାକୁ ଖମାରସାହି ସରହଦ ମଧ୍ୟରେ ନିର୍ମାଣ କରାଯାଉଥିବାରୁ ସେହି ଗ୍ରାମବାସୀ ବିରୋଧ କରୁଛନ୍ତି। ଏ ନେଇ ଖମାରସାହି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ ମଧ୍ୟ କରିଥିଲେ। କୌଣସି ସୁଫଳ ନମିଳିବାରୁ ଆଜି ରାସ୍ତା ଉପରେ ବସିଛନ୍ତି। ପ୍ରଶାସନ ଜାଣିଶୁଣି ଏକପାଖିଆ ନିଷ୍ପତ୍ତି ନେଉଛି ବୋଲି ଖମାରିସାହି ଲୋକ ଅଭିଯୋଗ କରିଛନ୍ତି।

ବହୁ ବୁଝାସୁଝା ପରେ ଏବଂ ଜାଗା ମାପଚୁପ ପରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ସମାଧାନର ବାଟ ବାହାରିଥିବା ଜଣାପଡ଼ିଛି। ରାସ୍ତା ନିର୍ମାଣ ପୂର୍ବରୁ ପୁଣିଥରେ ଗ୍ରାମସଭା କରାଯାଇ ସମାଧାନ କରାଯିବ ବୋଲି କିଛି ଲୋକ ଅଡ଼ି ବସିଛନ୍ତି। ପ୍ରଶାସନ ଏଥିପାଇଁ ସଜାଗ ରହି ଲୋକଙ୍କୁ ବୁଝାସୁଝା କରି ରାସ୍ତା ନିର୍ମାଣ ନକଲେ ଆଗାମୀ ଦିନରେ ବିବାଦ ତେଜିବାର ଆଶଙ୍କା ରହିଛି। ତହସିଲଦାର ଓ ପୁଲିସ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଦେଖାଯାଇଛି।

# ଉପେକ୍ଷିତ ସଂଗ୍ରାମୀ; ଘୋଷଣାରେ ସୀମିତ 'ନାରାୟଣ ମିଶ୍ର ପାର୍କ'





- ପଞ୍ଚାୟତ ସମିତିରେ କାର୍ଯ୍ୟକାରୀ ହେଲାନି 'ସଂଗ୍ରାମୀ ସଂଗ୍ରହାଳୟ'
- ଜରାଜୀର୍ଣ୍ଣ ସ୍ଥିତିରେ ବାଜପୁରସ୍ଥିତ 'ଷଠିଘର' ଓ ବ୍ୟବହୃତ ସାମଗ୍ରୀ
- ଲଟାବୁଦାମୟ ଭାରତ ସରକାରଙ୍କ ନିର୍ମିତ 'ସ୍ମାରକୀସ୍ଥଳ'
- 'ମହାପୁରୁଷ ଆଦର୍ଶ ଗ୍ରାମ' ଯୋଜନାରେ ସାମିଲ ନେଇ ଅନିଶ୍ଚିତତା

**ଖୋର୍ଦ୍ଧା, ୧୦।୩ (ସମିସ):** ଦେଶ ତଥା ଜନ୍ମମାଟିର ମୁକ୍ତି ପାଇଁ ଲଢେଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି। ଇଂରେଜ ଶାସନକୁ ପ୍ରତିହତ କରି ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିଥିଲେ ଏହି ସଂଗ୍ରାମୀ। ଏମିତି ଜଣେ ବୀର ସନ୍ତାନ ହେଉଛନ୍ତି ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର, ଯାହାଙ୍କ କ୍ରାନ୍ତି, କୀର୍ତ୍ତି ଏବଂ କୃତୀ ଜନମାନସରେ ଉଦ୍‌ଭାସିତ ହୋଇଛି। ହେଲେ ବିଭିନ୍ନ ଦିଗରୁ ସେ ପ୍ରଶାସନିକ ବ୍ୟବସ୍ଥାରେ ଉପେକ୍ଷିତ ହୋଇ ଅଲୋଡ଼ା ହୋଇଛନ୍ତି। ଫଳରେ ଏଥିନେଇ ତାଙ୍କର ଶୁଭେଚ୍ଛୁଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପରିଲକ୍ଷିତ ହୋଇଛି।

ମୁକ୍ତିସଂଗ୍ରାମୀ ପଣ୍ଡିତ ମିଶ୍ର ୧୯୧୫ ଡ଼ିସେମ୍ବର ୯ରେ ଅବିଭକ୍ତ ପୁରୀ ଜିଲା ( ସମ୍ପ୍ରତି ଖୋର୍ଦ୍ଧା) ଅନ୍ତର୍ଗତ ବାଜପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଦିଗମ୍ବର ମିଶ୍ର ଓ ମାତାଙ୍କ ନାମ ମୁକୁତା ଦେବୀ। ମାତ୍ର ୩ ବର୍ଷ ବୟସରେ ସେ ପିତା ଦିଗମ୍ବରଙ୍କୁ ହରାଇ ପିତୃହୀନ ହୋଇଥିଲେ। ଏଭଳି ସ୍ଥିତିରେ ଖୋର୍ଦ୍ଧା ସହରର ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଅନତି ଦୂରରେ ଥିବା ମଙ୍ଗଳା ନଗର ଛକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ୨୦୨୫ ମେ ୧୫ରେ ଏହାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉନ୍ମୋଚନ କରିବା ସହ ପ୍ରତିମୂର୍ତ୍ତିସ୍ଥଳକୁ ଆଗାମୀ ଦିନରେ "ନାରାୟଣ ମିଶ୍ର ପାର୍କ'ରେ ପରିଣତ କରାଯିବ ବୋଲି ଘୋଷଣା କରିଥିଲେ ହେଁ ଇତିମଧ୍ୟରେ ଏକବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ଏହା ପ୍ରହସନରେ ପରିଣତ ହୋଇଛି। ଅନ୍ୟପକ୍ଷରେ ଏଠାରେ ଥିବା ବିଜୁ ପଟ୍ଟନାୟକ ପାର୍କ, ଶହୀଦ୍ ପାର୍କ ଓ ଜୟୀ ରାଜଗୁରୁ ପାର୍କ ଆଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ଖୋର୍ଦ୍ଧା ପୌରପାଳିକା ଉପରେ ନ୍ୟସ୍ତ ଥିଲେ ହେଁ ପଣ୍ଡିତ ମିଶ୍ରଙ୍କ ଏହି ପ୍ରତିମୂର୍ତ୍ତିସ୍ଥଳ ଅବହେଳିତ ସ୍ଥିତିରେ ପଡ଼ିରହିଛି। ରାତ୍ରି ସମୟରେ ଏହାର ପରିସର ଅନ୍ଧକାର ମଧ୍ୟରେ ରହୁଥିବାରୁ ଅସାମାଜିକ ତତ୍ତ୍ୱମାନେ ଏଠାରେ ଆଡ୍‌ଡ଼ା ଜମାଇବା ସହ ଏହାର ଚତୁଃପାଶ୍ୱର୍ରେ ଲାଗିଥିବା ଲୁହାବାଡ଼ରୁ କିଛି ଅଂଶ କେହି ଦୁର୍ବୃତ୍ତମାନେ କାଟିନେଇଥିବା ଅଭିଯୋଗ ହୋଇଛି। ସେହିପରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ୧୯୪୭ ଅଗଷ୍ଟ ୧୫ରେ ପ୍ରତିଷ୍ଠା କରାଯାଇଥିବା "ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ପ୍ରସ୍ତର'କୁ ଇତିମଧ୍ୟରେ ନୂଆ ରୂପ ଦିଆଯାଇଥିଲେ ହେଁ ଏଠାରେ ନିର୍ମିତ ହେବାକୁ ଥିବା "ସଂଗ୍ରାମୀ ସଂଗ୍ରହାଳୟ' ଏଯାବତ୍ ପ୍ରତିଷ୍ଠା କରାଯାଇନାହିଁ। ସରକାରୀ ନିୟମ ଅନୁସାରେ, ଉକ୍ତ ପ୍ରସ୍ତରରେ ଯେଉଁ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ଖୋଦିତ ହୋଇଛି, ସେମାନଙ୍କ ତୈଳଚିତ୍ର ସହ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଯୋଗଦାନ ସମ୍ପର୍କିତ ବିବରଣୀ ପ୍ରଦର୍ଶନ କରାଯିବା କଥା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ଥିଲେ ହେଁ ଏଯାବତ୍ ଏହାର ସଫଳ ରୂପାୟଣ କରାଯାଇନାହିଁ। ସେହିପରି ବାଜପୁରରେ ଥିବା ପଣ୍ଡିତ ମିଶ୍ରଙ୍କ "ଷଠିଘର'କୁ ପୁନରୁଦ୍ଧାର କରାଯିବାକୁ ନିଷ୍ପତ୍ତି ହେବା ପରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଇନଟାକ୍ ପକ୍ଷରୁ ନୀଳନକ୍ସା ପ୍ରସ୍ତୁତ କରାଯାଇଥିଲେ ହେଁ ଏଯାବତ୍ ତାହା ସରକାରୀ ନାଳିଫିତା ତଳେ ଚାପି ହୋଇ ରହିଛି। ଏହାଛଡ଼ା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ବ୍ୟବହୃତ କଠଉ, ରେଡ଼ିଓ, କାଠବାକ୍ସ, ଗଡଣି, ପିଢ଼ା, ଢ଼ାଲ, ପେନଷ୍ଟାଣ୍ଡ ଆଦି ବିଭିନ୍ନ ସାମଗ୍ରୀ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ସ୍ଥିତିରେ ପଡ଼ିରହିଛି। ଏହାଛଡ଼ା ଭାରତ ସରକାରଙ୍କ ପକ୍ଷରୁ "ଆଜାଦି କା ଅମୃତ ମହୋତ୍ସବ' ଅବସରରେ ବାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ମାରକୀ ନିର୍ମାଣ କରାଯାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଅନାବରଣ କରାଯାଇଥିଲେ ହେଁ ଏବେ ଏହା ଲଟାବୁଦାମୟ ସ୍ଥିତିରେ ପଡ଼ିରହିଛି। ଏହାର ଚତୁଃପାଶ୍ୱର୍ରେ ସମ୍ପ୍ରତି ପାଚେରି ନିର୍ମାଣ କରାଯାଇ ନ ଥିବାବେଳେ ଏହି ପୀଠର ଐତିହ୍ୟ ସମ୍ପର୍କିତ ଫଳକ ଏଯାବତ୍ ପ୍ରତିଷ୍ଠା କରାଯାଇନାହିଁ। ଯାଜପୁର ଜିଲାର ଅଗ୍ରଣୀ ଅନୁଷ୍ଠାନ "ଅଖିଳଚକ୍ର-ଓଡ଼ିଶା' ପକ୍ଷରୁ ପଣ୍ଡିତ ମିଶ୍ରଙ୍କ ଜନ୍ମସ୍ଥାନକୁ "ସାରସ୍ୱତ ତୀର୍ଥକ୍ଷେତ୍ର' ତାଙ୍କ ବଳୀଦାନ ଦିବସ ଅର୍ଥାତ୍ ୨୦୨୫ ମେ ୨ରେ ମାନ୍ୟତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ "ମହାପୁରୁଷ ଆଦର୍ଶ ଗ୍ରାମ' ଯୋଜନା କାର୍ଯ୍ୟକାରୀ କରାଯାଇ ପ୍ରଥମ ପର୍ଯ୍ୟାୟରେ ୨୫ଜଣ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରାଯିବାକୁ କ୍ୟାବିନେଟ ଅନୁମୋଦନ କରାଯାଇଥିଲେ ହେଁ ଏଯାବତ୍ ପଣ୍ଡିତ ମିଶ୍ରଙ୍କ ଜନ୍ମପୀଠ "ବାଜପୁର'କୁ ଏହି ଯୋଜନାରେ ସାମିଲ କରାଯାଇ ନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପଣ୍ଡିତ ମିଶ୍ର ୧୯୨୨ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟର ଛାତ୍ର ରହିବା ସହ ପଞ୍ଚସଖାଙ୍କ ସଂସ୍ପର୍ଶରେ ଆସିଥିଲେ। ୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ବାନରସେନାରେ ସାମିଲ ହୋଇଥିଲେ ମୁକ୍ତିସଂଗ୍ରାମୀ କବିଗୌରବ ପଣ୍ଡିତ ମିଶ୍ର। ବ୍ରିଟିଶ ସରକାରଙ୍କ ନିଦ ହଜାଇ ଦେଇଥିବା ପଣ୍ଡିତ ମିଶ୍ରଙ୍କୁ ଧରାଇଦେବା ପାଇଁ ଘୋଷଣା କରାଯାଇଥିଲା। ଏଭଳି ସ୍ଥିତିରେ କିଛିଦିନ ପାଇଁ ସଂଗ୍ରାମୀ ପଣ୍ଡିତ ମିଶ୍ର ନିଜ ସହଯୋଗୀଙ୍କ ସହ ବରୁଣେଇ ପାହାଡ଼ର ଘଞ୍ଚବନାନୀ ମଧ୍ୟରେ ଆତ୍ମଗୋପନ କରିଥିଲେ। ଏଣୁ ଏଭଳି ଜଣେ ସଂଗ୍ରାମୀ ବିଭିନ୍ନ ଦିଗରୁ ଅବହେଳିତ ହୋଇପଡ଼ିଥିବାରୁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗକୁ ତାଙ୍କର ବଳୀଦାନ ଦିବସ ଆସୁଥିବାରୁ ସରକାରୀ କଳ ତାଙ୍କର ସ୍ମୃତିରକ୍ଷା ପାଇଁ ଯତ୍ନବାନ ହେବାକୁ ଦାବି କରାଯାଇଛି।

## ଟ୍ରକକୁ ପିଟିଲା ବାଇକ୍; ଶଶୁର ମୃତ, ଜ୍ୱାଇଁ ଗୁରୁତର

**ଜଟଣୀ, ୧୦।୩ (ସମିସ):** ଜଟଣୀ ଥାନା ଅନ୍ତର୍ଗତ ତଳଖେତା ରାସ୍ତା କିଷ୍ଟ କଲେଜ ସାମ୍ନାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜଟଣୀ ଗେଟ୍ ପଟୁ ଆସୁଥିବା ଏକ ବାଇକ ସହ ଏକ ଟ୍ରକର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ସହ ପଛର ବସିଥିବା ଅନ୍ୟଜଣେ ବୃଦ୍ଧ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱରସ୍ଥିତ ଏମସ୍ ହସ୍ପିଟାଲ୍ କୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ବୃଦ୍ଧ ହେଲେ ଛଣଘରର ଦିବାକର ପଣ୍ଡା (୭୦)। ତାଙ୍କ ଜ୍ୱାଇଁ ଟୁଟୁ ମିଶ୍ର ଗୁରୁତର ଆହତ ହୋଇଛନ୍ତି। ଆଜି ମଧ୍ୟାହ୍ନ ସମୟରେ (ଓଡି୦୨ଏଏଫ୍୪୮୦୩) ନମ୍ବର ବିଶିଷ୍ଟ ଏକ ବାଇକରେ ଉଭୟ ଜଟଣୀ ଗେଟ୍ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ତଳଖେତା ରାସ୍ତାର କିଷ୍ଟ କଲେଜ ସାମ୍ନା ବ୍ରିଜ୍ ଉପରେ (ଓଡି୦୨ସିକେ ୬୧୧୮) ନମ୍ବର ବିଶିଷ୍ଟ ଏକ ଟ୍ରକ ଛିଡ଼ା ହୋଇଥିଲା। ବାଇକଟିର ଭାରସାମ୍ୟ ହରାଇ ସିଧା ଟ୍ରକକୁ ଆଗରୁ ପିଟିଥିଲା। ଫଳରେ ଶଶୁର ଓ ଜ୍ୱାଇଁ ଛିଟିକି ହୋଇ ରାସ୍ତା କଡ଼କୁ ପଡ଼ିଥିଲେ। ଖବର ପାଇ ପୁଲିସ ପିସିଆର ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶଶୁରଙ୍କର ମୃତ୍ୟୁ ହୋଇଥିବା ବେଳେ ଜ୍ୱାଇଁ ଚିକିତ୍ସାଧୀନ ଅଛନ୍ତି। ପୁଲିସ ବାଇକ ଓ ଟ୍ରକକୁ ଜବତ କରିଛି।

## କଳିଯୁଗେଶ୍ୱର ପାହାଡ଼ରୁ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

**ବାଲୁଗାଁ,୧୦।୩ (ସମିସ) :** ମଙ୍ଗଳବାର ସକାଳେ ବାଲୁଗାଁ ନିକଟ ଚିଲିକା ସଂଲଗ୍ନ କଳିଯୁଗେଶ୍ୱର ପାହାଡ଼ ସ୍ଥିତ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ଗଳିତ ଶବକୁ ଉଦ୍ଧାର କରିଛି ବାଲୁଗାଁ ପୁଲିସ। କଳିଯୁଗେଶ୍ୱର ପାହାଡ ପାଶ୍ୱର୍ରେ ସ୍ଥାନୀୟ କିଛି ମତ୍ସ୍ୟଜୀବୀ ମାଛ ମାରୁଥିବା ବେଳେ ନିକଟସ୍ଥ ଏକ ଗଛରେ ଏକ ଶବ ଝୁଲୁଥିବାର ଦେଖିବାକୁ ପାଇ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ବାଲୁଗାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ। ମୃତ ଯୁବକ ଜଣକ ଏକ ନୀଳ ରଙ୍ଗର ଗଞ୍ଜି ଏବଂ ମାଟିଆ ରଙ୍ଗର ଫୁଲ ପ୍ୟାଣ୍ଟ ପିନ୍ଧିଥିବା ବେଳେ ସାର୍ଟ ଆଉ ବେଲ୍ଟ ସହାୟତରେ ବେକରେ ବାନ୍ଧି ଗଛରେ ଝୁଲୁଥିବାର ଦେଖିବାକୁ ମିଳିଥିଲା। ଘଟଣାଟି ପ୍ରାୟ ୧୫ ଦିନ ପୂର୍ବରୁ ଘଟିଥିବାର ଅନୁମାନ କରାଯାଉ ଥିବା ବେଳେ ଶବଟି ପଚି ସଢ଼ି ଫୁଲି ଯାଇଥିବା ଯୋଗୁଁ ମୃତ ଯୁବକଙ୍କୁ ଚିହ୍ନଟ କରିବା ସମ୍ଭବପର ହୋଇ ପାରିନାହିଁ। ତେବେ ପାରିପାଶ୍ୱରିକ ଅବସ୍ଥାରୁ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ପୁଲିସ ଅନୁମାନ କରୁଥିବା କହିଛି। ବାଲୁଗାଁ ପୋଲିସ ଏ ସଂକ୍ରାନ୍ତରେ କେସ ନଂ ୪/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଅବ୍ୟାହତ ରଖିଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି।

## ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ

**ଖୋର୍ଦ୍ଧା,୧୦।୩ (ସମିସ):** ଆଦର୍ଶ ଥାନା ଅନ୍ତର୍ଗତ ୫୭ନଂ ଜାତୀୟ ରାଜପଥର ଚିଙ୍ଗୁଡିଝର ଢାବା ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜାଗୁଲିପାଟଣା ଆଦିବାସୀ ସାହିର ବିଭୁତି ନାୟକ। ଆଜି ପୂର୍ବାହ୍ନରେ ବିଭୁତି କୌଣସି କାମରେ ଗାଁରୁ ଖୋର୍ଦ୍ଧା ସହର ଅଭିମୁଖେ ସ୍କୁଟି ଯୋଗେ ଆସୁଥିଲେ। ଚିଙ୍ଗୁଡିଝର ଢାବା ନିକଟରେ ଏକ ଅଜଣା ଗାଡି ଧକ୍କାଦେବା ଫଳରେ ସେ ଛିଟିକ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ କୁ ଅଣାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି।

## ଅଟୋ ସହ ମଦ ଜବତ, ବେପାରୀ ଗିରଫ

**ଟାଙ୍ଗୀ,୧୦।୩ (ସମିସ):** ଜଙ୍କିଆ ଥାନା ଅରିସଲରେ ଖୋର୍ଦ୍ଧା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀ ଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଅଜିତ କୁମାର ପାତ୍ର ଙ୍କ ତତ୍ତ୍ୱାବଧାନରେ ଚଢାଉ କରି ଏକ ପାସେଞ୍ଜର ଅଟୋରିକସାରୁ ୨୫ ଲିଟର ଆସ୍କା ଫଟି ଚୋରା ଦେଶିମଦ ଜବତ କରାଯିବା ସହ ଜଣେ ପେସାଦାର ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଆଜି ଟାଙ୍ଗୀ ଅବକାରୀ ଇନ୍ସପେକ୍ଟର ଶ୍ରୀ ପାତ୍ର ଓ ସବଇନସପେକ୍ଟର ରମେଶ ଚନ୍ଦ୍ର ବାରିକ ଅରିସଲ ଗ୍ରାମ୍ୟ ରାସ୍ତା ରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ଏକ ପାସେଞ୍ଜର ଅଟୋରିକସାରୁ ୨୫ ଲିଟର ଚୋରା ହାତ ତିଆରି ମଦ ଜବତ କରିଥିଲେ। ଏହି ଘଟଣାରେ ଚାନ୍ଦପୁର ଥାନା ଅଧିନସ୍ଥ ମୟୁରଝାଲିଆ ଗ୍ରାମର ଟୁଲୁ ସାହୁଙ୍କୁ ଗିରଫ କରିଥିବା ଜଣାପଡିଛି। ଅବକାରୀ ବିଭାଗ ଏକ ମୋକଦମା କରି ଆସାମୀକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ହଜ ସପ୍ତଦୋଳ ଆରମ୍ଭ; ଜମୁଛି ମେଳଣ



**ନିରାକାରପୁର,୧୦।୩ (ସମିସ):** ଖୋର୍ଦ୍ଧା ଜିଲ୍ଲା ହଜ ଗ୍ରାମରେ ସପ୍ତ ଦୋଳ ଆରମ୍ଭ ହୋଇଛି। ରାତିରୁ ବିରାଟ ଶୋଭାଯାତ୍ରାରେ ବିଭିନ୍ନ ସ୍ଥାନରୁ ଥାନାପତିଙ୍କ ସମେତ ଅନ୍ୟ ଦେବଦେବୀ ସୁସଜ୍ଜିତ ବିମାନରେ ବିରାଟ ବିରାଟ ପଟୁଆରରେ ମେଳଣ ପଡ଼ିଆରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ଶେଷ ହୋଇଛି। ଏହି ସମୟରେ ଲୋକମାନେ ବିଭିନ୍ନ ଆତସବାଜି ସହିତ ଘଣ୍ଟା ଘଣ୍ଟି, ମୃଦଙ୍ଗ, ହରିବୋଲ, ହୁଳ ହୁଳି ଧ୍ୱନୀ ମଧ୍ୟରେ ଠାକୁରମାନଙ୍କ ଆଗମନ ବେଶ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଗତକାଲି ରାତିରେ ହଜ ସପ୍ତ ଦୋଳ ପଡିଆକୁ ଥାନାପତି ମା' ସିଦ୍ଧ ଖଣ୍ଡୁଆଲ, ଶ୍ରୀ ଶ୍ରୀ ନାଟେଶ୍ୱର ଦେବ ଓ ତାପରେ ରଘୁନାଥ ଦେବଙ୍କ ସମେତ ପ୍ରାୟେ ୩୦ରୁ ଅଧିକ ଠାକୁରଙ୍କ ବିମାନ ଆସି ଆସ୍ଥାନରେ ବିରଜା ମାନ କରିଥିଲେ। ଏହି ଯାତ୍ରା ପଡ଼ିଆରେ ଯାତ୍ରା ପାର୍ଟି ଲୋକମାନଙ୍କ ମନୋରଞ୍ଜନ ପାଇଁ ୩ ଦିନ ପ୍ରଦର୍ଶିତ ହେବାକୁ ଥିବାବେଳେ ବିଭିନ୍ନ। ଦୋକାନ ବଜାର ଲୋକମାନଙ୍କୁ ଆକୃଷ୍ଟ କରୁଛି। ଆଜି ଦିନ ତମାମ ପଡ଼ିଆରେ ଜନ ସମାଗମ ଦେଖିବାକୁ ମିଳିଥିଲା। ଭାଇଚାରା ସମ୍ପର୍କ ମଧ୍ୟରେ ଗତକାଲି ରାତିରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱରେ ଜଂକିଆ ଓ ସିକୋ ପୋଲିସ ଥିବା ଦେଖାଯାଇଛି।

## ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କା, ଅଳଙ୍କାର ଲୁଟ

**ଖୋର୍ଦ୍ଧା,୧୦।୩(ସମିସ):** ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଉଇଲକିଶନ ନଗରର ମନୋରଞ୍ଜନ ପ୍ରଧାନଙ୍କ ଘରେ ଦୁର୍ବୃର୍ତମାନେ ଝରକା ଭାଙ୍ଗି ପଶି କଳାକନା ବୁଲାଇଛନ୍ତି। ଘର ଭିତରେ ଥିବା ଲକ୍ଷାଧିକ ଟଙ୍କା ସମେତ ସୁନା ଓ ରୂପା ଅଳଙ୍କାରକୁ ଚୋରି କରିନେଇଛନ୍ତି। ପ୍ରକାଶ ଥାଉକି, ଗତକାଲି ବିଳମ୍ବିତ ରାତିରେ ଶ୍ରୀ ପ୍ରଧାନଙ୍କ ଘରର ବିଲପଟ ଝରକା ଭାଙ୍ଗି ଦୁର୍ବୃର୍ତମାନେ ଘରେ ପଶିଥିଲେ। ଘରେ ଆଲମିରା ଓ ଟ୍ରଙ୍କ ରେ ରହିଥିବା ବାହାଘର ବନ୍ଧାଣ ଅଳଙ୍କାର ସମେତ ଭାଇ ଓ ଭଉଣୀଙ୍କ ମିଶାଇ ମୋଟ ୫୦ଗ୍ରାମ ରୁ ଉଦ୍ଧର୍ ସୁନା ଏବଂ ରୂପା ଅଳଙ୍କାର, ନଗଦ ଅଢେଇ ଲକ୍ଷରୁ ଉଦ୍ଧର୍ ଟଙ୍କା ଲୁଟି ନେଇଛନ୍ତି। ଆଜି ସକାଳୁ ଶ୍ରୀ ପ୍ରଧାନଙ୍କ ବାପା ବାଡିପଟକୁ ଯାଇଥିବାବେଳେ ଝରକା ଭଙ୍ଗା ହୋଇଥିବା ଦେଖିଥିଲେ। ଏ ନେଇ ଥାନା ରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରହିଛି।

## ବ୍ରାଉନସୁଗର ଜବତ, ୨ ଗିରଫ

**ଖୋର୍ଦ୍ଧା,୧୦।୩(ସମିସ):** ଶିଳ୍ପାଂଚଳ ପରିସରରୁ ପୁଲିସ ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଦର୍ଶଥାନା ଅନ୍ତର୍ଗତ ନବୀନାବାଗ ର ପ୍ରଦୀପ ପାଲଟାସିଂହ ଓରଫ୍ କାଳିଆ (୨୩) ଓ ଗଡଖୋର୍ଦ୍ଧାର ସୁମିତ୍ କୁମାର ନାୟକ ଓରଫ୍ କୁନୁ (୨୪)। ସେମାନଙ୍କ ଠାରୁ ପୁଲିସ ୧୦.୫୧ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଯାହାର ମୂଲ୍ୟ ଲକ୍ଷେ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି। ଏ ନେଇ ଏକ ମାମଲା ରୁଜୁ କରି ପୁଲିସ ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି।

## ଅଟୋକୁ ପିଟିବା ଘଟଣାରେ କାର ଚାଳକ ଗିରଫ

**ଜଟଣୀ,୧୦।୩ (ସମିସ):** ଅଟୋକୁ ପଛଆଡୁ ଧକ୍କା ଦେବା ଘଟଣାରେ ଅଭିଯୁକ୍ତ କାର ଚାଳକକୁ ଆଜି କୋର୍ଟ ଚାଲାଣ କରାଯାଇଛି । ସମ୍ପୃକ୍ତ ଚାଳକ ହେଲେ ସ୍ଥାନୀୟ ବଡ଼ ନୂଆଗାଁ ଅଞ୍ଚଳର ଆଲୋକ ସିଂଦେଓ । ଜଟଣୀ ପୁଲିସ ଦେଇଥିବା ସୂଚନା ମୁତାବକ ସୋମବାର ଦିନ ଖୋର୍ଦ୍ଧା ଜଟଣୀ ମୁଖ୍ୟ ରାସ୍ତା ନାଇଜର ସାମ୍ନାରେ ଏକ ଅଟୋକୁ ଦ୍ରୁତ ଗତିରେ ସମାନ ଦିଗରୁ ଆସୁଥିବା ଏକ କାର ପଛପଟୁ ଧକ୍କା ଦେଇଥିଲା । ଅଟୋରେ ବସିଥିବା ଯାତ୍ରୀ ମାନେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଅଟୋଟି ନାଇଜର ଫାଟକ ନିକଟରେ ଧକ୍କା ହୋଇଥିଲା । ଅନ୍ୟପଟେ କାରଟି ତଳେ ପଡି ଯାଇଥିବା ଯାତ୍ରୀଙ୍କ ଉପରେ ଚଢି ଯାଇଥିଲା । ଏହି ଦୁର୍ଘଟଣା ରେ ଅଟୋରେ ଥିବା ସଂଜୁ ବେହେରା ନାମକ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଘଟଣା ସ୍ଥଳରୁ କାର ଜବତ କରିବା ସହ ଚାଳକ ଓ ମାଲିକ ଉଭୟଙ୍କୁ ଜଟଣୀ ପୁଲିସ ଅଟକ ରଖିଥିଲା । ମୃତ ମହିଳାଙ୍କ ସମ୍ପର୍କୀୟ ଜଟିଆ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କାର ଚାଳକକୁ କୋର୍ଟ ଚାଲାଣ କରାଯାଇଛି । ପଚରା ଉଚୁରା ପରେ ମାଲିକ ସୁରଜ କାନ୍ତ ପାଲଙ୍କୁ ଛାଡି ଦିଆଯାଇଛି ।

## ବିପୁଳ ମଦ ଜବତ, ୩ କୋର୍ଟ ଚାଲାଣ

**ବେଗୁନିଆ,୧୦।୩ (ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ପୁଲିସ ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇଥିଲା। ଏଥିରୁ ଗୋଡ଼ା ଗ୍ରାମର ନଈ କୂଳରୁ ମୋଟ ୩ ହଜାର କେଜି ପୋଚ ବ୍ୟବହୃତ ସରଞ୍ଜାମ ସହ ୨୬୦ ଲିଟର ଦେଶୀ ମଦ ଅଭିଯୁକ୍ତ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ସରୋଜ କୁମାର ମହାନ୍ତି, ବଡ଼ବେରଣା ଗ୍ରାମର ମାନସ କୁମାର ସେଠୀ ଓ ଦଲକ ଗ୍ରାମର ଅଦେଇ ବରାଳ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ବାଣପୁର,୧୦।୩ (ସମିସ) :** ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଶ୍ରୀଅରବିନ୍ଦ ସ୍କୁଲ ଏଫ ଇଣ୍ଟେଗ୍ରାଲ ଏଜୁକେସନ, ବାଣପୁର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧକ୍ଷତା ଆୟୋଜିତ ସଚେତନତା ସଭାରେ ପ୍ରାକ ଗର୍ଭଧାରଣ ଓ ପ୍ରାକ ପ୍ରସୂତି ଲିଙ୍ଗ ଚୟନ ନିଦାନ କୌଶଳ ଅଧିନିୟମ, ଘରୋଇ ହିଂସା ଅଧିନିୟମ, ପୋକସୋ ଆଇନ, ବାଲ୍ୟ ବିବାହ ନିଷେଧ ଅଧିନିୟମ, ଯୌତୁକ ନିରୋଧ ଆଇନ, ଲିଙ୍ଗଗତ ସମାନତା ଆଦି ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଇ ଥିଲେ ବିଚାରପତି। ଚଳିତ ବର୍ଷ ଆନ୍ତର୍ଜାତୀୟ ମହିଳା ଦିବସର 'ଦିଅ ଏବଂ ପାଅ' ଶୀର୍ଷକ ବିଷୟବସ୍ତୁ ଥିବା ବେଳେ ବିଚାରପତି ଏ ସମ୍ପର୍କରେ ଆଲୋକପାତ କରିବାକୁ ଯାଇ "ଭାରତର ନାରୀମାନଙ୍କୁ ଶିକ୍ଷା ଓ ସୁରକ୍ଷା ପ୍ରଦାନ କରାଗଲେ ସେମାନେ ଏକ ସୁନ୍ଦର ସମାଜ ଗଠନ କରିବାରେ ସହଯୋଗ କରିବେ। ତେଣୁ




ସେମାନେ ଶିକ୍ଷା, ସୁରକ୍ଷା ଓ ନିଜ ଅଧିକାର କିପରି ପାଇପାରିବେ, ସେ ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଉଚିତ ବୋଲି ବିଚାରପତି କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଐତିହାସିକ ପଞ୍ଚୁଦୋଳ ଉତ୍ସବ ଉଦ୍‌ଯାପିତ

**ବେଗୁନିଆ,୧୦।୩ (ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ସିମୋର୍ ଗ୍ରାମ ସ୍ଥିତ ୧୭୩ ତମ ପଞ୍ଚୁଦୋଳ ପର୍ବ ପାଳନ ଅବସରରେ ବାବା ପଞ୍ଚୁଦୋଳ କମିଟିର ସଦସ୍ୟଙ୍କ ସହଯୋଗରେ ଦୁଇ ଦିନ ଧରି ଚାଲିଥିବା ପ୍ରଥମ ବାର୍ଷିକ ଐତିହାସିକ ପଞ୍ଚୁଦୋଳ ଉତ୍ସବ(ଏକତା) ଉଦଯାପିତ ହୋଇଛି। ଏଥିରେ ମହୋତ୍ସବ କମିଟି ସଭାପତି ବଳଭଦ୍ର ପ୍ରଧାନଙ୍କ ଅଧକ୍ଷତା ଓ ହର ପ୍ରସାଦ ସିଂହଙ୍କ ସଂଯୋଜନାରେ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ମୁଖ୍ୟଅତିଥି, ସମିତି ସଭ୍ୟ ନଳିନୀ ପଣ୍ଡା ମୁଖ୍ୟବକ୍ତା, ଗ୍ରାମ୍ୟ କମିଟି ସଭାପତି ମହେନ୍ଦ୍ର ଜେନା, ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ, ମହୋତ୍ସବ କମିଟିର ସମ୍ପାଦକ ଅଶୋକ କୁମାର ପ୍ରଧାନ ଓ କୋଷାଧକ୍ଷ ଡ. ସନ୍ଦୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉତ୍ସବ ହେଉଛି ଏକ ଗଣପର୍ବ ସମସ୍ତଙ୍କୁ ଯୋଡ଼ି ରଖିଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ଆଞ୍ଚଳିକ କଳାକାରମାନଙ୍କ ଦ୍ୱାରା ନୃତ୍ୟ



ଓ ମେଲୋଡି ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ଗଙ୍ଗାଧର ଚମ୍ପତିରାୟ, ରଶ୍ମି ରଞ୍ଜନ ମିଶ୍ର ଓ ପ୍ରିୟ ରଞ୍ଜନ ଚୌଧୁରୀଙ୍କ ସମେତ କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ।

## କାଡ଼ା ନାଳ ଖନନ ପରେ ଉପକୃତ ହେଲେ ଚାଷୀ

**ଟାଙ୍ଗୀ, ୧୦।୩ (ସମିସ):** ଅନେକ ସମୟରେ ଚାଷ ଜମିକୁ ଜଳ ସେଚନର ସୁବିଧା ନଥିବାରୁ ଜମିରେ କାଡ଼ା ନାଳ ନିର୍ମାଣ ନିମନ୍ତେ ଚାଷୀ ମହଲରେ ଦାବି ହୋଇ ଆସୁଥିଲା। ପରେ ଚାଷୀଙ୍କ ଅଭିଯୋଗ କ୍ରମେ ବିଭାଗ ପକ୍ଷରୁ ଟାଙ୍ଗୀ ବ୍ଲକର ଲେଣ୍ଡୋ, ରାମେଶ୍ୱର, ନୂଆଗଡ, ଡିଆ, ନିରାକାରପୁର ଓ ପୁରୀଜିଲ୍ଲା କଣାସ ବ୍ଲକ ଅଧିନସ୍ଥ ଦିବ୍ୟସିଂହପୁର ପଞ୍ଚାୟତ ର ପ୍ରାୟ ୧୫ଟି ପଞ୍ଚାୟତର ଥିବା ୧୮୦୪ ହେକ୍ଟର ଚାଷ ଜମିରେ ସ୍ଥାନୀୟ ପାଣି ପଞ୍ଚାୟତ ମାଧ୍ୟମରେ ଏହା ନିର୍ମାଣ ହୋଇଛି। ମଲାଗୁଣୀ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପରୁ ଏହା ନିର୍ମାଣ ହେବା ପରେ ପାଣିର ଅପଚୟ ବିନା ସୋଠ ମାଧ୍ୟମରେ ସିଧା ଚାଷ ଜମିକୁ ଜଳ ସେଚନର ବ୍ୟବସ୍ଥା ହୋଇ ପାରୁଛି। ଏହା ନିର୍ମାଣ ହେବା ଦ୍ୱାରା ଗତ ଧାନ ଫସଲରେ ଏହା ବେଶ ସହାୟକ ହୋଇ ପାରିବା ସହ ଚଳିତ ରବି ଫସଲ ପାଇଁ ଚାଷୀଙ୍କ ପାଇଁ ବେଶ ସୁବିଧା ହୋଇ ପାରିଛି। ତେବେ ଆବଶ୍ୟକତା ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳରେ ଥିବା ବାକି ୧୬୮ ହେକ୍ଟର ଜମିକୁ ଜଳ ସେଚନର ସୁବିଧା ନିମନ୍ତେ ବିଭାଗ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଚାଷୀ ମହଲରେ ଦାବି ହେଉଛି।



